## ସଂକ୍ଷେପରେ

### ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ମୟୂରଭଞ୍ଜର ୨୪ ଖେଳାଳି

**ବାରିପଦା ଅଫିସ,୧୭।୧୦:** ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗର କବାଡ଼ି ପ୍ରତିଯୋଗିତା ଦେବଗଡ ଜିଲା ଅନ୍ତର୍ଗତ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେଉଛି। ଏଥିରେ ମୟୂରଭଞ୍ଜ ଜିଲାର ୨୪ ଜଣ ଖେଳାଳି ଅଂଶ ଗ୍ରହଣ କରିଛନ୍ତି। ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ଓ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗୀରଥି ମଲିକଙ୍କ ମାର୍ଗଦର୍ଶନରେ ବାଳକ ଟିମ୍ ମ୍ୟାନେଜର ଭାବେ ବାରିପଦା ବ୍ଲକ ବଡଯୋଡ଼ ସ୍ଥିତ ବନସ୍ଥଳୀ ଉଚ୍ଚ ବିଦ୍ୟାଳୟର ପିଇଟି ଓ ବାଳିକା ଟିମ୍ ମ୍ୟାନେଜର ଭାବେ କରଞ୍ଜିଆ ବ୍ଲକ ସିଙ୍ଗଡା ସରକାରୀ ଉଚ୍ଚ ବିଦ୍ୟାଳୟର ପିଇଟି ସୁସ୍ମିତା ମହାନ୍ତ ଦାୟିତ୍ୱ ନେଇଛନ୍ତି।

### ବାଇକ ଲୁଟେରା ସକ୍ରିୟ

**ବୈଶିଙ୍ଗା,୧୭।୧୦(ଡି.ଏନ୍.ଏ.):** ବୈଶିଙ୍ଗା ଥାନା ଅଞ୍ଚଳରେ ପୁଣି ବାଇକ୍ ଲୁଟେରା ଗ୍ୟାଙ୍ଗ ସକ୍ରୀୟ ହୋଇଛନ୍ତି। ମଙ୍ଗଳବାର ରାତିରେ ଥାନାଠାରୁ ମାତ୍ର ଏକ କି.ମି ଦୂରରେ ଥିବା ମହୁରୀ ଗ୍ରାମର ଭଗବାନ ଚନ୍ଦ୍ର ମହାନ୍ତିଙ୍କ ଘରର ଗେଟ ଭାଙ୍ଗି ଏକ ନୂଆ ହିରୋ ସୁପର ସ୍ପ୍ଲେଣ୍ଡର ମୋଟରସାଇକେଲ ଚୋରାଇ ନେଇଛନ୍ତି। ଗତ ୨ମାସ ମଧ୍ୟରେ ଏହି ଅଞ୍ଚଳରୁ ୫ଟି ନୂଆ ବାଇକ ଚୋରି ହୋଇ ସାରିଲାଣି। ନିୟମିତ ପାଟ୍ରୋଲିଂ କରାଯାଉଥିବା ସ୍ଥାନୀୟ ପୋଲିସ କହୁଥିବା ବେଳେ ଲୁଟେରା ଧରାପଡୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ବଢି ଚାଲିଛି।

### ସ୍ମୃତିଚାରଣ ସଭା

**କପ୍ତିପଦା,୧୭।୧୦(ଡି.ଏନ୍.ଏ.):** କପ୍ତିପଦା ବ୍ଲକ ଅଧୀନ କୁଳିଅଳମ ପଞ୍ଚାୟତର ସମାଜସେବୀ ଯୋଗେନ୍ଦ୍ର ବେହେରାଙ୍କ ବିୟୋଗରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ପ୍ରଫୁଲ୍ଲ ଖିଲାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମିଶ୍ର, ରଘୁନାଥ ଶତପଥୀ, ସ୍ୱତନ୍ତ୍ର ଅତିଥିଭାବେ କପ୍ତିପଦା ବ୍ଲକ୍ର ପୂର୍ବତନ ଅଧ୍ୟକ୍ଷ ବେଣୁଧର ଦାସ, ହରିଶ୍ଚନ୍ଦ୍ର ସାଏ, କବି ଇନ୍ଦ୍ରମଣି ବିନ୍ଧାଣି ପ୍ରମୁଖ ଯୋଗଦେଇ ତାଙ୍କର ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁରଲୀଧର ପ୍ରଧାନ, ଗିରୀଶ ଚନ୍ଦ୍ର ବାରିକ୍, ବିଷ୍ଣୁଚରଣ ବେହେରା, ମନୁଧର ନାଏକ, ମୁକ୍ତିକାନ୍ତ ମହାପାତ୍ର, ରତିକାନ୍ତ ସାହୁ, ନରେନ୍ଦ୍ର ବେହେରା, ନିରଞ୍ଜନ ମହାପାତ୍ର ପ୍ରମୁଖ ସ୍ୱର୍ଗତ ବେହେରାଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଚନ୍ଦ୍ରକାନ୍ତ ବେହେରା, ଅଜିତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଶ୍ୱ ଖାଦ୍ୟ ଦିବସ

**ବାରିପଦା ଅଫିସ,୧୭।୧୦:** ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ କେଉଟୁଣିମାରୀ ଗ୍ରାମରେ କୃଷି ବିଜ୍ଞାନ କେନ୍ଦ୍ର-୧ ତରଫରୁ ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରର ଗୃହ ବିଜ୍ଞାନୀ ଝୁନିଲତା ଭୂୟାଁ ଯୋଗଦେଇ ଦିବସର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସେହିପରି କେନ୍ଦ୍ରର କାର୍ଯ୍ୟକ୍ରମ ସହାୟକ ଜୀବନ କୁମାର ବିଶ୍ୱାଳ, ସହକାରୀ କୃଷି ଅଧିକାରୀ ପ୍ରଜ୍ଞାଶ୍ରୀ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଗୋଷ୍ଠୀ ଉନ୍ନୟନ କୃଷକ ମହାସଂଘ କେଉଟୁଣିମାରୀର ସଦସ୍ୟମାନେ ଉପସ୍ଥିତ ଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**କୁଆମରା,୧୭।୧୦(ଡି.ଏନ୍.ଏ.):** ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ପୁରୁଣା ବାରିପଦା ଅଞ୍ଚଳର ଧର୍ମ ପରାୟଣା ମହିଳା ସରସ୍ୱତୀ ସ'(୫୬)ଙ୍କର ଗୁରୁବାର ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ମନମୋହନ, ପୁଅ,ବୋହୂ, ତିନି ଝିଅ, ଜ୍ୱାଇଁ, ନାତୁଣୀ ନାତି ଉପସ୍ଥିତ ଥିଲେ। ଗୋହିରାଢିଆରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ପୁଅ ଜୟନ୍ତ (ଧରିତ୍ରୀ ଖବରକାଗଜର ବିତରକ ଭାବେ କାର୍ଯ୍ୟରତ) ମୁଖାଗ୍ନି ଦେଇଥିଲେ। ଗୋପବନ୍ଧୁ ନଗର ବ୍ଲକ ସାମ୍ବାଦିକ ସଂଘର କର୍ମକର୍ତ୍ତା ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

---

ଇକୋ ସେନ୍ସିଟିଭ୍ ଜୋନ ନାଁରେ ଉଚ୍ଛେଦକୁ ବିରୋଧ

# ୨୮୫ ଗାଁ ବାସିନ୍ଦାଙ୍କ ବିକ୍ଷୋଭ ଶୋଭାଯାତ୍ରା

**ବାରିପଦା ଅଫିସ,୧୭।୧୦**

ମୟୂରଭଞ୍ଜ ଜିଲାର ଶିମିଳିପାଳ ଅଞ୍ଚଳରୁ ୨୮୫ ଗ୍ରାମର ଆଦିବାସୀ ମୂଳବାସିନ୍ଦାମାନଙ୍କୁ ଇକୋ-ସେନ୍ସିଟିଭ୍ ଜୋନ ବାହାନାରେ ଉଚ୍ଛେଦ କରିବା ଯୋଜନାକୁ ବିରୋଧ କରାଯାଇଛି। ଏଥିନେଇ ଜିଲା ପେସା ଗ୍ରାମସଭା କୋଅର୍ଡିନେଶନ କମିଟି ପକ୍ଷରୁ ଗୁରୁବାର ମଧୁବନ ପଡ଼ିଆଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟକ ଗ୍ରାମବାସୀ ଯୋଗ ଦେଇଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ପ୍ରଶାସନ ଜରିଆରେ ଭାରତ ସରକାରଙ୍କ ନ୍ୟାଶନାଲ କମିଶନ ଫର୍ ସିଡ୍ୟୁଲ ଟ୍ରାଇବ୍ର ଚେୟାରପର୍ସନ, କେନ୍ଦ୍ର ପରିବେଶ ଓ ଜଙ୍ଗଲ ବିଭାଗ ସେକ୍ରେଟାରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ସହିତ ରାଷ୍ଟ୍ରପତି, ରାଜ୍ୟପାଳ ଓ ମୟୂରଭଞ୍ଜ ଜିଲାପାଳଙ୍କ ନିକଟକୁ ଦାବିପତ୍ର ମଧ୍ୟ ପଠାଯାଇଛି।

କମିଟିର ଅଭିଯୋଗ ଅନୁଯାୟୀ, ଶିମିଳିପାଳ ଭିତରେ ତଥା ପାଦଦେଶରେ ଜିଲାର ୨୮୫ଟି ଗ୍ରାମର ଅଧିବାସୀ ଦୀର୍ଘ ବର୍ଷ ହେବ ରହି ଆସୁଛନ୍ତି। ଏମାନେ ସମସ୍ତେ ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ ଜଙ୍ଗଲ ଉପରେ ନିର୍ଭର କରି ଗୁଜୁରାଣ ମେଣ୍ଟାଇଥାନ୍ତି। ଏବେ ସେମାନଙ୍କୁ ଇକୋ-ସେନ୍ସିଟିଭ ଜୋନ ନାମରେ ଉଚ୍ଛେଦ କରିବା ପାଇଁ ଯୋଜନା କରାଯାଉଛି। ତେବେ ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ପଞ୍ଚାୟତ ଏକ୍ସଟେନସନ ସିଡ୍ୟୁଲ ଏରିଆ (ପେସା) ଆଇନକୁ ମଧ୍ୟ କାର୍ଯ୍ୟକାରୀ କରିବାକୁ ସରକାର ଗୁରୁତ୍ୱ ଦେଉ ନାହାନ୍ତି। ଆଦିବାସୀଙ୍କ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ବିକାଶ କରିବା ପେସା ଆଇନର ମୂଳ ଲକ୍ଷ୍ୟ। ଏହି ଆଇନ କାର୍ଯ୍ୟକାରୀ ହେଲେ ଗ୍ରାମସଭା ତଥା ଗଠନ କରାଯାଇଥିବା ପରିଷଦ ହାତରେ ଗ୍ରାମର ସମସ୍ତ ଦାୟିତ୍ୱ ନ୍ୟସ୍ତ ରହିବ। ଲଘୁ ବନଜାତ ଦ୍ରବ୍ୟ, କ୍ଷୁଦ୍ର ଜଳସେଚନ, ହିତାଧିକାରୀ ଚୟନ କରିବା, ପ୍ରକଳ୍ପ କାର୍ଯ୍ୟକାରୀ କରିବା, ଶିକ୍ଷାନୁଷ୍ଠାନ ଏବଂ ଅଙ୍ଗନୱାଡି ଆଦିର ପରିଚାଳନା ନିଷ୍ପତ୍ତି ରହିବ। ଏହା ଦ୍ୱାରା ଆଦିବାସୀମାନଙ୍କର ସଂସ୍କୃତି, ପରମ୍ପରା ଓ ଜୀବିକା ସୁରକ୍ଷିତ ରହିବା ସହ ଜଳ, ଜମି, ଜଙ୍ଗଲକୁ ସୁରକ୍ଷା ଯୋଗାଯାଇ ପାରିବ। ଏହି ଆଇନ କାର୍ଯ୍ୟକାରୀ ନ ହେବାରୁ ବିଭିନ୍ନ ପ୍ରକଳ୍ପ ଯୋଗୁ ଆଦିବାସୀମାନଙ୍କୁ ନିଜର ମୂଳବସତିରୁ ବିସ୍ଥାପିତ ହେବାକୁ ପଡୁଛି। ହଠାତ ହେଉଥିବା ପରିବର୍ତ୍ତନକୁ ସେମାନେ ଗ୍ରହଣ କରିପାରୁ ନାହାନ୍ତି। ଫଳରେ ସେମାନେ ବାଧ ହୋଇ ଜଙ୍ଗଲ ଛାଡୁଥିବା ବେଳେ ସେମାନଙ୍କ ବିକାଶ ହୋଇପାରୁନାହିଁ। ଆଦିମ ଏବଂ ବିଲୁପ୍ତ ହେବାକୁ ବସିଥିବା ଆଦିବାସୀମାନେ ସ୍ୱାଧୀନତା ପରଠାରୁ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହୋଇ ଚାଲିଛନ୍ତି। ପେସା ଆଇନ କାର୍ଯ୍ୟକାରୀ କରି ସରକାର ତୃଣମୂଳସ୍ତରରୁ ବିଭିନ୍ନ ବର୍ଗର ଅବହେଳିତ ଆଦିବାସୀଙ୍କ ବିକାଶ କରିବାକୁ କମିଟି ଦାବି କରିଛି । ଏହି କାର୍ଯ୍ୟକ୍ରମରେ କମିଟିର ପାଣ୍ଡୁରାମ ହେମ୍ବ୍ରମ, ନନାରାମ ମୁର୍ମୁ, ରାମଦାସ ମାରାଣ୍ଡି, ଶଙ୍କର ମାରାଣ୍ଡି, କାର୍ମୀମଣି କିସ୍କୁ, ସାୱାନ ବାସ୍କେ, ଅଶୋକ ସିଂ, ଦୁର୍ଗାଚରଣ ମାରାଣ୍ଡି, ସୁରେନ୍ଦ୍ର ସୋରେନ ପ୍ରମୁଖଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।



ଆନ୍ଦୋଳନକାରୀମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

---

## ଜିଲା ପରିଷଦ ଅଧ୍ୟକ୍ଷାଙ୍କ ଘରୁ ଚୋରି

**ବାରିପଦା ଅଫିସ,୧୭।୧୦**

ମୟୂରଭଞ୍ଜ ଜିଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁଙ୍କ ଘରୁ ବୁଧବାର ରାତିରେ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ବାରିପଦା ସହର ୱାର୍ଡ ନଂ. ୨୮ ସ୍ଥିତ ତାଙ୍କ ଘରେ କେହି ନ ଥିବା ବେଳେ ଦୁର୍ବୃତ୍ତମାନେ ସୁନା ଗହଣା ଓ ନଗଦ ଟଙ୍କା ଚୋରି କରିନେଇଛନ୍ତି। ଗୁରୁବାର ସକାଳେ ସେ ଏ ନେଇ ଜାଣିବା ପରେ ଅଧ୍ୟକ୍ଷା ମୁର୍ମୁ ଏସ୍ପି ପରମାର ସ୍ମିଥ ପୁରୁଷୋତ୍ତମଦାସଙ୍କୁ ଜଣାଇଥିଲେ। ଏସ୍ପିଙ୍କ ନିର୍ଦ୍ଦେଶ କ୍ରମେ ବାରିପଦା ଟାଉନ ଥାନା ପୋଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ଅଧ୍ୟକ୍ଷା ମୁର୍ମୁଙ୍କ ଘର ନିକଟରେ ଏକ ନିର୍ମାଣ କାର୍ଯ୍ୟରେ ନିୟୋଜିତ ୧୪ ଜଣ ଶ୍ରମିକଙ୍କୁ ପୋଲିସ ଥାନାକୁ ନେଇ ପଚରା ଉଚରା କରୁଛି।

## ମଦ ବେପାରୀ ଗିରଫ

**ରାଇରଙ୍ଗପୁର,୧୭।୧୦(ଡି.ଏନ୍.ଏ.)**

ରାଇରଙ୍ଗପୁର ଅବକାରୀ ପୋଲିସ ଗୁରୁବାର ଚଢ଼ାଉ କରି ଜଣେ ମଦ ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଖନ୍ତ ଗ୍ରାମର ଫାଗୁ ନାୟକ। ତାଙ୍କଠାରୁ ୫ ଲିଟର ଦେଶୀ ମଦ ଜବତ ହୋଇଛି। ଏଥିନେଇ ଏକ ମାମଲା (ନଂ. ୩୨/୧୯) ରୁଜୁ ହୋଇଛି।

---

## ହୌଶଲା କାର୍ଯ୍ୟକ୍ରମରେ ଭାଗନେଲେ ୧୭୦ ଛାତ୍ରୀଛାତ୍ର


କୃତୀ ପ୍ରତିଯୋଗୀ ଓ ଅତିଥି ବୃନ୍ଦ।

**ବାରିପଦା ଅଫିସ,୧୭।୧୦**

ରାଜ୍ୟ ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲା ଶିଶୁ ସୁରକ୍ଷା ୟୁନିଟ ତତ୍ତ୍ୱାବଧାନରେ ଗୁରୁବାର ବାରିପଦା ପୂର୍ଣ୍ଣଚନ୍ଦ୍ରପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୌଶଲା-୨୦୧୯ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୧୦ଟି ଶିଶୁ ଯତ୍ନ ଅନୁଷ୍ଠାନର ୧୭୦ ଜଣ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେମାନଙ୍କ ମଧ୍ୟରେ ଦୌଡ଼,ଉଚ୍ଚଡିଆଁ, ଲମ୍ବଡିଆଁ, ଫୁଟବଲ, ଡିବେଟ, ଚେସ,ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାଗୁଡିକରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆସନ୍ତା ୩୦ ଓ ୩୧ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ହୌଶଲା-୨୦୧୯ ପ୍ରତିଯୋଗିତାରେ ଭାଗ ନେବେ। ରାଜ୍ୟସ୍ତରରେ କୃତକାର୍ଯ୍ୟ ହେଲେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ବିଶ୍ୱାଳଙ୍କ ପରିଚାଳନାରେ ଏହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ଅନୁସୂୟା ସାହୁ, ଜିଲା କ୍ରୀଡ଼ା ଅଧିକାରୀ ଭୋଜରାଜ ମହାପାତ୍ର, ପୂର୍ଣ୍ଣଚନ୍ଦ୍ରପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂ ପ୍ରମୁଖ ଅତିଥୀ ଭାବେ ଯୋଗଦେଇ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁଙ୍କ ପ୍ରତିଭା ବିକାଶ ତଥା ଅନ୍ତର୍ନିହିତ ଗୁଣର ପରିପ୍ରକାଶ ପାଇଁ ଏହି କାର୍ଯ୍ୟକ୍ରମ ଉପଯୁକ୍ତ ମଞ୍ଚ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ଅଭିଷେକ ବେହେରା, ଗଣେଶ ବେହେରା, ସୁଶାନ୍ତ କୁମାର ଦେ ପ୍ରମୁଖଙ୍କ ସମେତ ଜିଲା ଶିଶୁ ସୁରକ୍ଷା ୟୁନିଟର କର୍ମଚାରୀ ଓ ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଆଜି ରାଜ୍ୟପାଳଙ୍କ ମୟୂରଭଞ୍ଜ ଗସ୍ତ

**ବାରିପଦା ଅଫିସ, ୧୭।୧୦**

ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶୁକ୍ରବାର ଦୁଇ ଦିନିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସିବେ। ରାଜ୍ୟପାଳ ଶୁକ୍ରବାର ସକାଳ ୮ଟା ବେଳେ ଭୁବନେଶ୍ୱରରୁ କାର୍ ଯୋଗେ ବାହାରିବେ। ଭଦ୍ରକ ଜିଲାର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ପୂର୍ବାହ୍ନ ୧୧ଟା ୩୦ରେ ମୟୂରଭଞ୍ଜ ଜିଲା ଉଦଳା ଧାନଘେରା ସ୍ଥିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେବେ। ଅପରାହ୍ନ ୨ ଟା ବେଳେ ବାରିପଦା ପ୍ରଦକ୍ଷଣ ଗୃହକୁ ଆସି ବିଶ୍ରାମ ନେବେ। ୪ ଟାବେଳେ ବାଙ୍ଗିରିପୋଷି ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ଏକ କାର୍ଯ୍ୟକ୍ରମରେ ଯୋଗ ଦେବେ। ସେଠାରୁ ପୁଣି ବାରିପଦା ପ୍ରଦକ୍ଷଣ ଗୃହକୁ ଫେରି ରାତ୍ରିଯାପନ କରିବେ। ଶନିବାର ପୂର୍ବାହ୍ନ ୧୧ ଟା ୩୦ରେ କରଞ୍ଜିଆ ସ୍ଥିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦୁଝର ଜିଲା ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି।

## ଜାତୀୟ ଜୁନିୟର ଥ୍ରୋବଲ ଖେଳାଳି ମାନସ ସମ୍ବର୍ଦ୍ଧିତ


ମାନସଙ୍କ ସହିତ ଜିଲାପାଳ ଓ ଅନ୍ୟମାନେ ।

**ବାରିପଦା ଅଫିସ,୧୭।୧୦**

କେରଳ ରାଜ୍ୟ ଆଲାଭାଠାରେ ଅନୁଷ୍ଠିତ ୩୦ ତମ ଜାତୀୟ ଜୁନିୟର ଥ୍ରୋବଲ ଚମ୍ପିୟନଶିପରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଥିବା ମୟୂରଭଞ୍ଜ ଜିଲାର ଖେଳାଳି ମାନସ ରଞ୍ଜନ ନାଏକଙ୍କୁ ଜିଲାପାଳ ବିନିତ ଭରଦ୍ୱାଜ ସମ୍ବର୍ଦ୍ଧିତ କରିଛନ୍ତି। ଜିଲାପାଳଙ୍କ ସହିତ ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ,ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂ, ସିଆରସିସି ତପସ୍ୱିନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା, ଜିଲା କ୍ରୀଡ଼ା ଅଧିକାରୀ ଭୋଜରାଜ ମହାପାତ୍ର, ମୟୂରଭଞ୍ଜ ଆଥଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ କିଶୋର କୁମାର ବିଶ୍ୱାଳ, ଜିଲା କ୍ରୀଡ଼ା ପରିଦର୍ଶକ ଭାଗୀରଥି ମଲିକ, ଜିଲା ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି ମଧ୍ୟ ମାନସଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମାନସ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ଜିଲା ପ୍ରଶାସନ ଦ୍ୱାରା ଉଦ୍ଧାର ହୋଇ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢ଼ିବାର ବ୍ୟବସ୍ଥା କରାଯାଇଥିଲା।

---

## ଓଡ଼ିଶା ଟିମ୍ରେ ମୟୂରଭଞ୍ଜରୁ ୪ ଖେଳାଳି

**ବାରିପଦା ଅଫିସ,୧୭।୧୦**

**ଜାତୀୟ ବାଳିକା ଫୁଟବଲ**

ଜାତୀୟସ୍ତରୀୟ ବାଳିକା ଫୁଟବଲ ପ୍ରତିଯୋଗିତା ଆସନ୍ତା ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ଆଜମେରଠାରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ଟିମ୍ରେ ମୟୂରଭଞ୍ଜ ଜିଲାର ୪ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ହେରାମ୍ବ ନାରାୟଣ ଉଚ୍ଚ ବିଦ୍ୟାଳୟର ସାକ୍ରୋ ହେମ୍ବ୍ରମ ଓ ମଞ୍ଜରୀ ନାଏକ, ବାରିପଦା ବ୍ଲକ ଅନ୍ତର୍ଗତ ଖଡିଶୋଳ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଜୁଲି ବେଶ୍ରା ଏବଂ କୁଳିଅଣା ବ୍ଲକ ଅନ୍ତର୍ଗତ ସରକାରୀ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ ଆସନଯୋଡାର ଆରତୀ ମାରାଣ୍ଡି। ମୟୂରଭଞ୍ଜ ଜିଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ସେମାନଙ୍କୁ ଶୁଭେଚ୍ଛା ଜଣାଯାଇଛି।୪ ଖେଳାଳି ଓ ଅନ୍ୟମାନେ।


ଓଡ଼ିଶା ଟିମ୍ରେ ଯୋଗ ଦେଇଥିବା ୪ ଖେଳାଳି ଓ ଅନ୍ୟମାନେ।

## ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ଅଭିଯୋଗ

**ଖୁଣ୍ଟା,୧୭।୧୦(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ ଡୁକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଅବହେଳାରୁ ଜଣେ ରୋଗୀଙ୍କ ମୃତ୍ୟୁକୁ ନେଇ ଗୁରୁବାର ଉତ୍ତେଜନା ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକେ ମେଡିକାଲ ପରିସରରେ ହୋହଲ୍ଲା କରିଥିଲେ। ଖବରପାଇ ଖୁଣ୍ଟା ଥାନା ଆଇଆଇସି ନବକୃଷ୍ଣ ନାଏକ ଓ ଡୁକୁରା ବିଟ ଅଧିକାରୀ ନୌଉସଦ ଅଲ୍ଲୀ ଖାଁ ପହଁଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ମୃତକଙ୍କ ସ୍ତ୍ରୀ ବୁଧୁନି ସିଂ ଚିକିତ୍ସାରେ ଅବହେଳା କରିଥିବା ମେଡିକାଲର ୩ କର୍ମଚାରୀଙ୍କ ନାମରେ ଥାନାରେ ଏତଲା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ବାସିପିଠା ପଞ୍ଚାୟତ ଅନ୍ତର୍ଗତ ଗୌଡ଼ଗାଁ ଗ୍ରାମର ବଉଲା ସିଂଙ୍କ ଦେହ ଅସୁସ୍ଥ ହେବାରୁ ବୁଧବାର ସକାଳେ ଡୁକୁରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ରାତି ପ୍ରାୟ ୨ ଟା ସମୟରେ ବାଉଲା ଛଟପଟ ହେବା ସହିତ ରକ୍ତବାନ୍ତି କରିଥିଲେ। ଏହା ଦେଖି ତାଙ୍କ ସ୍ତ୍ରୀ ରାତି ଡିଉଟିରେ ଥିବା ଡାକ୍ତର, ନର୍ସ କିମ୍ବା ପିଅନଙ୍କୁ ଖୋଜି ଥିଲେ ମଧ୍ୟ କାହାରିକୁ ପାଇ ନ ଥିଲେ। ପରେ ବାଉଳାଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ସକାଳେ ଏହି ଘଟଣା ଜଣାପଡିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ରାତି ଡିଉଟିରେ ଥିବା କର୍ମଚାରୀମାନେ ଡାକ୍ତରଖାନାରେ ନ ରହି ନିଜ ନିଜ କ୍ୱାର୍ଟରରେ ରହିଥିବା ଜାଣି ଉତ୍ୟକ୍ତ ଲୋକେ ଡାକ୍ତରଖାନା ପରିସରରେ ହୋହଲ୍ଲା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଦାସମାତ ମାର୍ଣ୍ଡି ମଧ୍ୟ ଡାକ୍ତରଖାନା ପରିସରରେ ନ ରହି ବାରିପଦାରେ ରହୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ. ୧୨୩/୧୯) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି ।

---

# ବଡ଼ସାହି ତହସିଲ କାର୍ଯ୍ୟାଳୟରେ ଅଚଳାବସ୍ଥା

**ବଡ଼ସାହି,୧୭।୧୦(ସ୍ୱ.ପ୍ର)**

ବଡ଼ସାହି ତହସିଲଦାର ଦୀର୍ଘ ଦିନ ଧରି ଛୁଟିରେ ରହିବାରୁ କାର୍ଯ୍ୟାଳୟରେ ଅଚଳାବସ୍ଥା ଦେଖାଦେଇଛି। ବିଗତ ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ପରିବାରକୁ ସରକାରଙ୍କ ପ୍ରଦତ୍ତ ରିଲିଫ ଟଙ୍କା ପ୍ରଦାନ କରାଯାଇପାରୁ ନାହିଁ। ତହସିଲଦାରଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାରଙ୍କୁ ଆର୍ଥିକ ଦାୟିତ୍ୱ ସହ ସମ୍ପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ମୟୂରଭଞ୍ଜ ଜିଲାର ସର୍ବବୃହତ ବ୍ଲକ ଭାବେ ବଡସାହି ପରିଚିତ। ଶିମିଳିପାଳ ପାଦଦେଶରୁ ଆରମ୍ଭ କରି ପଡ଼ୋଶୀ ବାଲେଶ୍ୱର ଜିଲା ପର୍ଯ୍ୟନ୍ତ ଏହାର ପରିସୀମା ରହିଛି । ଏହି ବ୍ଲକ ଅଧୀନ ୩୦ ପଞ୍ଚାୟତରେ ଥିବା ୨୨୪ଟି ରାଜସ୍ୱ ଗ୍ରାମକୁ ନେଇ ତହସିଲ କାର୍ଯ୍ୟାଳୟ ପ୍ରତିଷ୍ଠା ହୋଇଛି। ଏହି ତହସିଲ ଅଧୀନରେ ୭ଟି ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟ ଥିବା ବେଳେ ଲୋକସଂଖ୍ୟା ଅଢେଇ ଲକ୍ଷରୁ ଉର୍ଦ୍ଧ୍ୱ। ଗତ ମେ ୩ ତାରିଖରେ ଫନୀ ବାତ୍ୟା ଯୋଗୁ ଏହି ତହସିଲ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା । ରାଜସ୍ୱ ନୀରିକ୍ଷକଙ୍କ ଦ୍ୱାରା ତଦନ୍ତ କରାଯାଇ ଉପ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା । ରିପୋର୍ଟକୁ ଭିତ୍ତି କରି ରାଜ୍ୟ ସରକାରଙ୍କ ରିଲିଫ ପାଣ୍ଠିରୁ ପ୍ରଥମ ପର୍ଯ୍ୟାୟରେ ୩୮ଜଣ ହିତାଧିକାରୀଙ୍କ ପାଇଁ ୧ଲକ୍ଷ ୫୪ହଜାର ୫ଶହ ଟଙ୍କା ତହସିଲ କାର୍ଯ୍ୟାଳୟକୁ ଆସିଛି। ୩୧ଜଣଙ୍କ କଚ୍ଚା ଘର ବାବଦରେ ୯୯ହଜାର ୨ଶହ ଓ ୭ଟି କୁଡ଼ିଆ ଘର ବାବଦରେ ୫୫ହଜାର ୩ଶହ ଟଙ୍କା ତହସିଲ କାର୍ଯ୍ୟାଳୟକୁ ଆସିଛି। ମାତ୍ର ତହସିଲଦାର ଦୀର୍ଘ ଦିନ ହେଲା ଛୁଟିରେ ରହିବା ଯୋଗୁ ହିତାଧିକାରୀଙ୍କୁ ସହୟତା ପ୍ରଦାନ କରାଯାଇ ପାରୁନାହିଁ। ବଡ଼ସାହି, ମାଣତ୍ରୀ, ଖାନୁଆ ଓ ସାନକେରକ ରାଜସ୍ୱ ନୀରିକ୍ଷକଙ୍କ ଅଧିନରେ ରହୁଥିବା ଲୋକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରୁ ନାହିଁ । ଏପରିକି ପୁରୁଣା ମ୍ୟୁଟେସନ କେସର ପଟ୍ଟା, ଜାଗା ଚିହ୍ନଟ ପ୍ରକ୍ରିୟା, ଉତ୍ତରାଧିକାରୀ ଭାବେ ଜମି ବିକ୍ରି ପାଇଁ ଦରଖାସ୍ତ ଆଦି ଫାଇଲରେ ବନ୍ଧା ହୋଇ ପଡ଼ିରହିଛି। ଦୂର ଦୂରାନ୍ତରୁ ଲୋକମାନେ ଆସି ନାହିଁ ନ ଥିବା ହଇରାଣ ହରକତ ହେଉଥିବା ଖାନୁଆ ପଞ୍ଚାୟତ ହାତୀବନ୍ଧା ଗ୍ରାମର ଜୟରାମ ସିଂ ପ୍ରକାଶ କରିଛନ୍ତି। ସେହିପରି ଶିମିଳିପାଳ ସଂଲଗ୍ନ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ସମରାଏ ହାଁସଦାଃ କୁହନ୍ତି, ମ୍ୟୁଟେସନ ପାଇଁ ୩ ବର୍ଷ ପୂର୍ବେ ଆବେଦନ କରିଥିଲି। ଅଦ୍ୟାବଧି ପଟ୍ଟା ପାଇ ନାହିଁ। ବାରମ୍ବାର ଦୌଡିବା ପରେ ମଧ୍ୟ ପୁରୁଣା କେସ୍ ପ୍ରତି ଗୁରୁତ୍ୱ ପ୍ରଦାନ କରାଯାଉନାହିଁ। ତହସିଲ କାର୍ଯ୍ୟାଳୟର ଏପରି ଅଚଳାବସ୍ଥା ଦୂର କରିବା ସହିତ ରିଲିଫ ପାଣ୍ଠିରୁ ଆସିଥିବା ଟଙ୍କା ତୁରନ୍ତ ପ୍ରଦାନ କରା ନ ଗଲେ ଅଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ବରିଷ୍ଠ କଂଗ୍ରେସ ନେତା ପ୍ରକାଶ କରମହାପାତ୍ର ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ପରିଡାଙ୍କୁ ପଚାରିବାରୁ ଆର୍ଥିକ କ୍ଷମତା ପ୍ରଦାନ କରିବା ପାଇଁ କାର୍ଯ୍ୟାଳୟ ପକ୍ଷରୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି । କର୍ତ୍ତୃପକ୍ଷ କ୍ଷମତା ପ୍ରଦାନ କଲେ ତୁରନ୍ତ ରିଲିଫ୍ ଟଙ୍କା ପ୍ରଦାନ କରାଯିବ ବୋଲି କହିଛନ୍ତି।

**ତହସିଲଦାରଙ୍କ ଅନୁପସ୍ଥିତି ଯୋଗୁଁ ମିଳିପାରୁନି ସରକାରୀ ସହାୟତା**


ବଡ଼ସାହି ତହସିଲ କାର୍ଯ୍ୟାଳୟ।

## ସଂକ୍ଷେପରେ

### ମହିଳାଙ୍କ ବେକରୁ ସୁନା ହାର ଲୁଟ୍

**ଭଦ୍ରକ ଅଫିସ, ୧୭।୧୦:** ଭଦ୍ରକ ଟାଉନ ଥାନା ଅଧୀନ ବଙ୍କସାହିର ଜଣେ ମହିଳାଙ୍କ ବେକରୁ ସୁନା ହାର ମଙ୍ଗଳବାର ୨ ଜଣ ଲୁଟେରା ଲୁଟି ନେଇଛନ୍ତି। ଏ ନେଇ ମହିଳାଙ୍କ ସ୍ୱାମୀ ଉମାକାନ୍ତ ସାହୁ ବୁଧବାର ଟାଉନ ଥାନାରେ ଏତଲା ଦାଏର କରିଛନ୍ତି। ଥାନାରେ ମାମଲା (ନଂ.୩୦୯/୧୯) ରୁଜୁ ହୋଇଛି। ଉମାକାନ୍ତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଅଳଙ୍କାର ସଫା କରିବା ଆଳରେ ଦୁଇ ଲୁଟେରା ତାଙ୍କ ସ୍ତ୍ରୀଙ୍କଠାରୁ ସୁନା ହାର ଲୁଟି ନେଇଛନ୍ତି। ତେବେ ଲୁଟ୍ ବେଳର ଦୃଶ୍ୟ ତାଙ୍କ ଘରେ ଲାଗିଥିବା ସିସିଟିଭିରେ ରେକର୍ଡିଂ ହୋଇଛି। ପୋଲିସ ଉକ୍ତ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛି।

### ଘେରାଉ ପରେ ପ୍ରଧାନଶିକ୍ଷକଙ୍କ ବଦଳି

**ବନ୍ତ,୧୭।୧୦(ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକ ଧନି ଓଝା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନିୟମିତତା ଓ ପରିଚାଳନାଗତ ତ୍ରୁଟି ନେଇ ଅଭିଯୋଗ ହୋଇଥିଲା। ପ୍ରଧାନଶିକ୍ଷକଙ୍କ ବଦଳି ଦାବି କରି ଗତ ମଙ୍ଗଳବାର ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମର ମହିଳାମାନେ ଘେରାଉ କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ସେଠାରୁ ଉଦ୍ଧାର କରିଥିଲା। ଏହି ଘଟଣା ପରେ ଗୁରୁବାର ଜିଲା ଶିକ୍ଷାଧିକାରୀ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ବେଗନା ଉ.ପ୍ରା. ବିଦ୍ୟାଳୟକୁ ବଦଳି କରିଥିବା ଜଣାଯାଇଛି।

### ମହିଳାଙ୍କୁ ବଳାତ୍କାର, ହତ୍ୟା ଉଦ୍ୟମ

**ବନ୍ତ, ୧୭।୧୦ (ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର ଓ ହତ୍ୟା ଉଦ୍ୟମ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ସମ୍ପୃକ୍ତ ମହିଳାଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା (ନଂ.୧୨୬/୧୯) ରୁଜୁ କରି ତଦନ୍ତ ଚଳାଇଛି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ମଧ୍ୟାହ୍ନରେ ତାଙ୍କ ପରିବାର ଲୋକେ ଘରେ ନ ଥିବାର ସୁଯୋଗ ନେଇ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ସେ ପ୍ରତିବାଦ କରିବାରୁ ବ୍ୟକ୍ତି ଜଣଙ୍କ ତାଙ୍କୁ ମାରଣାସ୍ତ୍ରରେ ମାରି ଦେବାକୁ ଉଦ୍ୟମ କରିଥିଲେ। ତାଙ୍କ ଚିତ୍କାର ଶୁଣି ପଡ଼ୋଶୀମାନେ ସେଠାରେ ପହଞ୍ଚିବାରୁ ସମ୍ପୃକ୍ତ ବ୍ୟକ୍ତି ସେମାନଙ୍କୁ ମଧ ମାରିଦେବାକୁ ଉଦ୍ୟମ କରି ସେଠାରୁ ଦୌଡ଼ି ପଳାଇଯାଇଥିଲେ।

### ରାସ୍ତାରେ ଅଳିଆ ପକାଇଲେ ଜରିମାନା

**ଭଦ୍ରକ ଅଫିସ, ୧୭।୧୦:** ଏଣିକି ସର୍ବସାଧାରଣ ସ୍ଥାନ କିମ୍ବା ରାସ୍ତା ଉପରେ ଅଳିଆ ପକାଇଲେ ଜରିମାନା ଦେବାକୁ ପଡ଼ିବ। ଭଦ୍ରକ ପୌରପାଳିକା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ପୌରାଞ୍ଚଳ ବାସିନ୍ଦା ଏହାକୁ ସ୍ୱାଗତ କରିଛନ୍ତି। ସହରକୁ ସ୍ୱଚ୍ଛ ରଖିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରମା ଭୂୟାଁ କହିଛନ୍ତି। ଏପରିକି ବହୁ ଠେଲାଗାଡ଼ି, ନର୍ସିଂହୋମ୍ ଓ ସ୍ଥାୟୀ ବ୍ୟବସାୟୀଙ୍କଠାରୁ ଜରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି।

### ଉତ୍ସବମୁଖର ଆଡ଼ିଆ ଗାଁ

**ବନ୍ତ,୧୭।୧୦(ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ ବ୍ଲକର ଆଡିଆ ଗାଁ ଗଜଲକ୍ଷ୍ମୀ ପୂଜା ପାଇଁ ଉତ୍ସବମୁଖର ହୋଇଉଠିଛି। ଗାଁର କଇଁଗଡିଆଛକ, ଜାଗୁଲାଇ ଛକ ଓ ପଣ୍ଡାସାହିରେ ୩ଟି ମଣ୍ଡପରେ ମା'ଙ୍କୁ ଆରାଧନା କରାଯାଇଥିଲା। ଗୁରୁବାର ପଣ୍ଡା ସାହି ମେଢ଼ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଇଁଗଡିଆ ଛକ, ଜାଗୁଲାଇ ଛକରେ ସୁସଜ୍ଜିତ ତୋରଣ ଓ ରଙ୍ଗିନ ଆଲୋକମାଳାରେ ଝଲସି ଉଠୁଛି ପରିବେଶ । ସନ୍ଧ୍ୟାରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗି ରହିଛି। ଆରଡେଶ୍ୱର ପୂଜା କମିଟି ଆନୁକୂଲ୍ୟରେ ପଣ୍ଡାସାହିରେ ଅନୁଷ୍ଠିତ ପୂଜା ମଣ୍ଡପରେ ପ୍ରାୟ ୨୧ବର୍ଷ ଧରି ପୂଜା ଅନୁଷ୍ଠିତ ହୋଇଆସୁଛି। ସେଠାରେ ଯୁବଶିଳ୍ପୀ ଗୌତମ ବେହେରା ଏଥର ମୂର୍ତ୍ତି ନିର୍ମାଣ କରିଥିଲେ। ଆସନ୍ତା ରବିବାର କଇଁଗଡିଆଛକ, ଜାଗୁଲାଇ ଛକ ମେଢ଼ର ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି।

# ଧାଡ଼ିରୁଆ କାର୍ଯ୍ୟକ୍ରମରେ ଅନିୟମିତତା

## ପ୍ରକୃତ ଚାଷୀଙ୍କୁ ଉପେକ୍ଷା ଅଭିଯୋଗ

**ବନ୍ତ, ୧୭।୧୦ (ଡି.ଏନ.ଏ.)**

ଚାଷୀମାନଙ୍କୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ବିଜିଆର୍‌ଇଆଇ (ବ୍ରିଙ୍ଗିଂ ଗ୍ରୀନ ରିଭୋଲ୍ୟୁସନ ଇନ୍ ଇଷ୍ଟର୍ନ ଇଣ୍ଡିଆ) ଯୋଜନାରେ ଧାଡ଼ିରୁଆ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ସହ ବିହନ, ସାର, କୀଟନାଶକ ଆଦି ଆନୁଷଙ୍ଗିକ ସାମଗ୍ରୀ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଏ ନେଇ ଚାଷ କାର୍ଯ୍ୟ ପୂର୍ବରୁ ଧାଡ଼ିରୁଆ କାର୍ଯ୍ୟକ୍ରମ ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଯିବା ସହ ସ୍ୱତନ୍ତ୍ର ବୈଠକ ମାଧ୍ୟମରେ ଚାଷୀ ଚୟନ କରାଯିବାର ନିୟମ ରହିଛି। ଭଦ୍ରକ ଜିଲା ବନ୍ତ ବ୍ଲକରେ ଏହି କାର୍ଯ୍ୟକ୍ରମରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ କରାଯାଇଛି। ସମସ୍ତ ସରକାରୀ ନୀତିନିୟମକୁ ଉଲ୍ଲଙ୍ଘନ କରାଯାଇ କେବଳ ଲୋକଦେଖାଣିଆ ଭାବେ ଏହି କାର୍ଯ୍ୟକ୍ରମ ଚାଲିଥିବା ବ୍ଲକ ସହକାରୀ କୃଷି ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି।

ଅଭିଯୋଗ ହୋଇଛି ଯେ, ଚଳିତ ଖରିଫ ଋତୁରେ ଏହି ବ୍ଲକରେ ୩୦୦ ହେକ୍ଟର ଚାଷ ଜମିରେ ଧାଡ଼ିରୁଆ କାର୍ଯ୍ୟକ୍ରମ କରିବା ନେଇ ଅର୍ଥ ମଞ୍ଜୁର ହୋଇଥିଲା। ମାତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସମସ୍ତ ଚାଷୀଙ୍କୁ ଅବଗତ କରା ନ ଯାଇ ମନମୁଖୀ ଭାବେ ନିର୍ଦ୍ଦିଷ୍ଟ କେତେକ ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ନିଳୋକ ପଞ୍ଚାୟତର ନିଳୋକଠାରୁ ବାଇପୁର ପର୍ଯ୍ୟନ୍ତ ୭୫ହେକ୍ଟର ଚାଷଜମିରେ ଧାଡ଼ିରୁଆ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ୪୦ରୁ ୪୫ ଚାଷୀଙ୍କ ତାଲିକା ପ୍ରସ୍ତୁତ ହୋଇଛି। ଯେଉଁଥିରୁ ପ୍ରକୃତ ଚାଷୀମାନେ ବଞ୍ଚିତ ହୋଇଛନ୍ତି। ଅଧିକାଂଶ ଚାଷୀ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଆଗରୁ ଜାଣିନାହାନ୍ତି। ଏବେ ତାଲିକା ପ୍ରସ୍ତୁତ କରାଯାଉଥିବାରୁ ସେମାନେ ଜାଣିବାକୁ ପାଇଛନ୍ତି। ବନ୍ତ ପଞ୍ଚାୟତରେ ଜାମତିରା ଛକଠାରୁ ଶ୍ରୀବନ୍ତପୁର ଛକ, କୁମ୍ଭକରାଳ, ବନ୍ତ ଆଦି ଗ୍ରାମର ୧୦୦ ହେକ୍ଟର ଚାଷଜମିରେ ୧୧୨ ଚାଷୀ ଧାଡିରୁଆ କରିଥିବା ପ୍ରସ୍ତୁତ ତାଲିକାରୁ ଜଣାଯାଇଛି। ରାମକୃଷ୍ଣପୁର, ରାମପୁର ପଞ୍ଚାୟତରେ ୧୦୦ ହେକ୍ଟର ଚାଷଜମିରେ ଏହି କାର୍ଯ୍ୟକ୍ରମ ହୋଇଥିବାବେଳେ ପ୍ରକୃତ ଚାଷୀମାନେ ଏଥିରୁ ବାଦ୍ ପଡ଼ିଛନ୍ତି। ଗୋବିନ୍ଦପୁର ପଞ୍ଚାୟତରେ ୨୫ହେକ୍ଟର ଚାଷଜମିରେ ସେଣ୍ଟେଡ୍ ରାଇସ୍ ଚାଷ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି।

ଉଲ୍ଲେଖନୀୟ ଯେ, ଧାଡ଼ିରୁଆ କାର୍ଯ୍ୟକ୍ରମର ରାଜ୍ୟ ଯୋଜନାରେ ହେକ୍ଟର ପିଛା ୧୨୫୦ ଟଙ୍କା, ବିଜିଆର୍‌ଇଆଇ ଯୋଜନାରେ ହେକ୍ଟର ପିଛା ୧୫ ଶହ ଟଙ୍କା ସହ ସାର, ବିହନ ଓ କୀଟନାଶକ ଆଦି ସାମଗ୍ରୀ ଯୋଗାଇ ଦିଆଯାଉଛି। ଏ ସମ୍ପର୍କରେ ଜିଲା କୃଷି ଅଧିକାରୀ ଲକ୍ଷ୍ମଣ ଚନ୍ଦ୍ର ମୁର୍ମୁଙ୍କୁ ପଚାରିବାରୁ ବ୍ଲକ ସହକାରୀ କୃଷି ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲୁଥିବାରୁ ସେ କହିପାରିବେ ବୋଲି କହିଥିଲେ। ବ୍ଲକ ସହକାରୀ କୃଷି ଅଧିକାରୀ ରମେଶ ଚନ୍ଦ୍ର ରାୟ କହିଛନ୍ତି, ଜିଲାରୁ ସ୍ୱଳ୍ପ ଚାଷୀଙ୍କ ପାଇଁ ଏହି ଯୋଜନା ଆସିଥାଏ। ଏଣୁ ପ୍ରତିବର୍ଷ ପର୍ଯ୍ୟାୟକ୍ରମେ ଚାଷୀଙ୍କୁ ସାମିଲ କରାଯାଇ ସୁବିଧା ସୁଯୋଗ ପ୍ରଦାନ କରାଯାଉଛି।



ଜିଲାପାଳ ଜ୍ଞାନରଞ୍ଜନ ଦାସ ଜିଲା ଚିକିତ୍ସାଧିକାରୀ ଡା. ଆର୍ଯ୍ୟ ମିଶ୍ରଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

# ଜିଲା ଚିକିତ୍ସାଳୟ ପାଇଁ କିଣାଯିବ ନୂଆ ଅଲଟ୍ରାସାଉଣ୍ଡ ମେଶିନ

**ଭଦ୍ରକ ଅଫିସ, ୧୭।୧୦**

ଭଦ୍ରକ ଜିଲା ଚିକିତ୍ସାଳୟରେ ଦୀର୍ଘବର୍ଷ ଧରି ଅଲଟ୍ରାସାଉଣ୍ଡ ମେଶିନ ଅଚଳ ଥିବା କାରଣରୁ ରୋଗୀମାନେ ଦୈନିକ ନାନା ସମସ୍ୟା ଭୋଗୁଥିଲେ। ଏବେ ନୂଆ ମେଶିନ କିଣାଯିବ। ଏଥିପାଇଁ ଜିଲା ରେଡ୍‌କ୍ରସ ପାଣ୍ଠିରୁ ୭.୫ ଲକ୍ଷ ଟଙ୍କାର ଚେକ୍ ଜିଲାପାଳ ଜ୍ଞାନରଞ୍ଜନ ଦାସ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କ ଉପସ୍ଥିତିରେ ଜିଲା ଚିକିତ୍ସାଧିକାରୀ ଡା. ଆର୍ଯ୍ୟ ମିଶ୍ରଙ୍କୁ ପ୍ରଦାନ କରିଛନ୍ତି। ଏହି ଟଙ୍କାରେ ଏକ ଅତ୍ୟାଧୁନିକ ଅଲଟ୍ରାସାଉଣ୍ଡ ମେଶିନ କିଣାଯାଇ ରୋଗୀଙ୍କ ପରୀକ୍ଷା କାର୍ଯ୍ୟରେ ଲଗାଯିବ ବୋଲି ଜଣାଯାଇଛି।

# ପର୍ଯ୍ୟଟନ ପର୍ବ ତର୍କ ପ୍ରତିଯୋଗିତା



ତର୍କ ପ୍ରତିଯୋଗିତା ସଭାରେ ଯୋଗଦେଇଥିବା ଅତିଥି।

**ଭଣ୍ଡାରିପୋଖରୀ, ୧୭।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ଭଣ୍ଡାରିପୋଖରୀ ବ୍ଲକସ୍ତରୀୟ ପର୍ଯ୍ୟଟନ ପର୍ବ ତର୍କ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏବିଇଓ ପୁରୁଷୋତ୍ତମ ଧଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଦୀପକ କୁମାର ପାଢୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ଅବସରରେ କହିଥିଲେ, ଭଦ୍ରକ ଜିଲାର ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଯଥେଷ୍ଟ ସୁଯୋଗ ରହିଛି। ଏ ଦିଗରେ ସାମୂହିକ ପ୍ରୟାସ ଆବଶ୍ୟକ। ଅନ୍ୟତମ ଅତିଥି ଭାବେ ଏବିଇଓ ଅଭିମନ୍ୟୁ ପ୍ରଧାନ, ପ୍ରଧାନ ଶିକ୍ଷକ ରମାକାନ୍ତ ଲେଙ୍କା, ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଶିକ୍ଷା ସଂଯୋଜକ କୈଳାସ ସାମଲ ପ୍ରମୁଖ ଯୋଗଦେଇ ପର୍ଯ୍ୟଟନ ଶିଳ୍ପ ବାସ୍ତବ ଜ୍ଞାନର ଗନ୍ତାଘର ଓ ଏହାର ଉପାଦେୟତା ଉପରେ ବକ୍ତବ୍ୟ ରଖିଥିଲେ। ଏଥିରେ ମୋଟ ୨୧ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଶୁଭଶ୍ରୀ ମହାଳିକ ୧ମ, ଅଙ୍କିତା ସାହୁ ୨ୟ ଓ ଶୁଭାଶିଷ ପଣ୍ଡା ୩ୟ ସ୍ଥାନ ଅଧିକାର କରିଛନ୍ତି। ଆସନ୍ତା ୧୮ ତାରିଖରେ ଜିଲାସ୍ତରରେ ଭଦ୍ରକ ହାଇସ୍କୁଲରେ ହେବାକୁ ଥିବା ପ୍ରତିଯୋଗିତାରେ ଭାଗ ନେବାକୁ ଏହି କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରାଯାଇଥିଲା। ଶେଷରେ ମାନସ ସାହୁ ଧନ୍ୟବାଦ ଦେଇଥିଲେ। ଦେବସ୍ମିତା ସେନାପତି, ବର୍ଷା ମଲ୍ଲିକ, ବେବିରାଣୀ ସେଠୀ ଓ ଶିଶିର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବେଆଇନ ଆଧାର ସଂଶୋଧନ ଅଭିଯୋଗ: ଯୁବକ ଗିରଫ

**ବାସୁଦେବପୁର, ୧୭।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନରସିଂହପୁର ବଜାର ଅଞ୍ଚଳରେ ଏକ ଦୋକାନରେ ବେଆଇନ ଆଧାର କାର୍ଡ ସଂଶୋଧନ ସହ ଅଧିକ ଅର୍ଥ ଦାବି କରିବା ଅଭିଯୋଗରେ ଦୀନବନ୍ଧୁ ମହାପାତ୍ର ନାମକ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ବାସୁଦେବପୁର ଥାନାରେ ମାମଲା(ନଂ.୩୨୮/୧୯) ରୁଜୁ ହୋଇଛି। ବାସୁଦେବପୁର ପୋଲିସ ସୂଚନା ଅନୁଯାୟୀ, ଗିରଫ ଦୀନବନ୍ଧୁଙ୍କ ଘର ନରସିଂହପୁର ପଞ୍ଚାୟତର ଜୟୀପୁର ଗ୍ରାମରେ। ବେଆଇନ ଭାବେ ଆଧାର ସଂଶୋଧନ ସାଙ୍ଗକୁ ଅଧିକ ଅର୍ଥ ଦାବି କରୁଥିବା ନେଇ ଦୀନବନ୍ଧୁଙ୍କ ବିରୋଧରେ ବିଡିଓ ପ୍ରଣବ କୁମାର ବେହେରା ବୁଧବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଦୀନବନ୍ଧୁଙ୍କୁ ଗିରଫ କରି ଥାନାରେ ରଖି ଅଧିକ ପଚରାଉଚରା କରାଯାଉଛି। ତେବେ ଶନିବାର, ରବିବାର ଓ ଛୁଟିଦିନରେ ଏହି ବେଆଇନ ଆଧାର କାର୍ଡ ସଂଶୋଧନ କରାଯାଇଥାଏ ବୋଲି ଦୀନବନ୍ଧୁ ସ୍ୱୀକାର କରିଛନ୍ତି।

# ଘର ନିର୍ମାଣ ସାରି ବି ପାଉନାହାନ୍ତି ପ୍ରାପ୍ୟ

**ବନ୍ତ,୧୭।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ କାଦବରାଙ୍ଗ ଓ ବଡବର୍ଚ୍ଛିକୟାଁ ପଞ୍ଚାୟତରେ ହିତାଧିକାରୀମାନେ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର କାମ କରି ସେମାନଙ୍କ ପ୍ରାପ୍ୟ ଅର୍ଥ ପାଉ ନ ଥିବା ଅଭିଯୋଗ ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର ଯୋଜନାରେ ସମସ୍ତ ହିତାଧିକାରୀଙ୍କୁ ଘର ତିଆରି ବେଳେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅର୍ଥ ପ୍ରଦାନ କରିବାର ବ୍ୟବସ୍ଥା କରିଛନ୍ତି। ସେହି ଅନୁଯାୟୀ ୨୦୧୭-୧୮ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାଦବରାଙ୍ଗ ପଞ୍ଚାୟତ ବାଙ୍କତିରା ଗ୍ରାମର ପଞ୍ଚାନନ ଜେନା, ସୁଆଁପଦା ଗ୍ରାମର ଗଙ୍ଗାଧର ଜେନା ଘର ତିଆରି କରିଥିବା ବେଳେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବାବଦ ୧୫ ହଜାର ଟଙ୍କା ଏଯାଏ ପାଇ ନ ଥିବା ଅଭିଯୋଗ କରିଛନ୍ତି। ସେହିପରି କାଦବରାଙ୍ଗ ଗ୍ରାମର ଭଗବାନ ପଢିଆରୀ ଘର ତିଆରି କରି ମାତ୍ର ୫ ହଜାର, ପର୍ଶୁରାମ ପଢିଆରୀ ୬ ହଜାର ୫ ଶହ, ମନୋଜ ମଣ୍ଡଳ ୭ ହଜାର, ସୁଆଁପଦା ଗ୍ରାମର ସୁଶାନ୍ତ ମଣ୍ଡଳ କିଛି ଟଙ୍କା ପାଇଥିବା ବେଳେ ଅବଶିଷ୍ଟ ଟଙ୍କା ପାଇ ନାହାନ୍ତି। ବଡ଼ବର୍ଚ୍ଛିକୟାଁ ପଞ୍ଚାୟତ ଅଧୀନ ବଡବର୍ଚ୍ଛିକୟାଁ ଗ୍ରାମର ବାବାଜୀ ରାଉତ ୨୦୧୬-୧୭ ଆର୍ଥିକ ବର୍ଷରେ ଘର ତିଆରି କରି ୬ ହଜାର, ୨୦୧୭-୧୮ ଆର୍ଥିକ ବର୍ଷରେ ଆପ୍ତିରା ଗ୍ରାମର ଶ୍ରୀଧର ମହୁରୀ ୮ ହଜାର, ବଡବର୍ଚ୍ଛିକୟାଁ ଗ୍ରାମର ତୋଫାନ ପୁରୀ ୫୫୦୦, ଚନ୍ଦ୍ରମଣି ଦିବ୍ୟା ବିଜୁ ପକ୍କାଘର ତିଆରି କରି ୯ ହଜାର ଟଙ୍କା ପାଇଛନ୍ତି। ଅବଶିଷ୍ଟ ଟଙ୍କା ସେମାନଙ୍କୁ ମିଳି ନାହିଁ। ସେହିପରି ୬ ମାସ ମଧ୍ୟରେ କାମ ସାରିଥିଲେ ମଧ ଚନ୍ଦ୍ରମଣି ଦିବ୍ୟାଙ୍କୁ ବୋନସ ବାବଦ ୧୦ ହଜାର ଟଙ୍କା ମିଳି ନ ଥିବା ଅଭିଯୋଗ ହୋଇଛି।

ଉଲ୍ଲେଖନୀୟ ଯେ, ୨୦୧୬-୧୭, ୨୦୧୭-୧୮ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ କରିବା ପାଇଁ ୧ ଲକ୍ଷ ୨୦ ହଜାର ସହିତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବାବଦ ୧୫ ହଜାର ଏବଂ ୬ ମାସ ଭିତରେ କାମ ସାରିଲେ ୧୦ ଏବଂ ୪ ମାସ ଭିତରେ କାମ ସାରିଲେ ୨୦ ହଜାର ଟଙ୍କା ବୋନସ ଅର୍ଥ ମିଳିବାର ବ୍ୟବସ୍ଥା ରହିଛି। ସେହିପରି ଉଭୟ ପ୍ରଧାନମମନ୍ତ୍ରୀ ଆବାସ, ବିଜୁ ପକ୍କାଘର ଯୋଜନାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବାବଦ ୯୦ ଦିନର ମଜୁରି ଓ ମାଟି କାମ ଅର୍ଥ ମିଳିବା ବ୍ୟବସ୍ଥା ରହିଛି। ଉକ୍ତ ହିତାଧିକାରୀମାନେ ଟଙ୍କା ପାଇ ନ ଥିବା ସମ୍ପର୍କରେ ବିଡିଓ ରେବେକା ବିଲୁଙ୍ଗଙ୍କୁ ପଚାରିବାରୁ ସେ କହିଛନ୍ତି, ସେତେବେଳେ ଜିଆର୍‌ଏସ୍ ଏସବୁ କରିବାର ଥିଲା। ତେବେ ଏ ସମସ୍ତ ହିତାଧିକାରୀଙ୍କ ତାଲିକାକୁ ଅନୁଧ୍ୟାନ କରି ବକେୟା ଅର୍ଥ ପୈଠ କରାଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଭଦ୍ରକାଳୀ ପୀଠରେ କାଳୀପୂଜା ପ୍ରସ୍ତୁତି

**ଭଦ୍ରକ ଅଫିସ, ୧୭।୧୦**

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ପରମ ବୈଷ୍ଣବୀ ମା' ଭଦ୍ରକାଳୀ କାଳୀ ପୂଜା ଅବସରରେ ସପ୍ତମାତୃକା ବେଶରେ ପୂଜା ପାଇବେ। ମା'ଙ୍କର ସପ୍ତମାତୃକା ବେଶ ସହିତ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ୭ଦିନ ଧରି ଅନୁଷ୍ଠିତ ହେବ। ମା'ଙ୍କ ଏହି ବେଶ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କର ବେଶ ଭିଡ଼ ପରିଲକ୍ଷିତ ହୁଏ। ଚଳିତବର୍ଷ ମା'ଙ୍କ ସପ୍ତମାତୃକା ବେଶ ଓ ବିଶ୍ୱଶାନ୍ତି ମହାଯଜ୍ଞକୁ ଆଡ଼ମ୍ବରପୂର୍ଣ୍ଣ କରାଯିବା ନିମନ୍ତେ ଭଦ୍ରକ ଉପଜିଲାପାଳ ତଥା ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ପୀତାମ୍ବର ସାମଲଙ୍କ ଅଧ୍ୟକ୍ଷତାରେ ସେବାୟତମାନଙ୍କୁ ନେଇ ମନ୍ଦିର ବେଢ଼ାରେ ଗୁରୁବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୭ ତାରିଖଠାରୁ ମା'ଙ୍କର ବେଦମାତା ବେଶ ସହିତ ବିଶ୍ୱଶାନ୍ତି ମହାଯଜ୍ଞର ଶୁଭାରମ୍ଭ କରାଯାଇ ନଭେମ୍ବର ୨ରେ ମହାଲକ୍ଷ୍ମୀ ବେଶରେ ପୂର୍ଣ୍ଣାହୁତି ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି।

ମା'ଙ୍କ ସପ୍ତମାତୃକା ବେଶ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼କୁ ଲକ୍ଷ୍ୟ କରାଯାଇ ରାସ୍ତାଘାଟର ମରାମତି, ମନ୍ଦିର ବେଢ଼ାର ପରିଷ୍କାରପରିଚ୍ଛନ୍ନତା, ଆଲୋକ, ତୋରଣ, ପାନୀୟ ଜଳ ଓ ଶୌଚାଳୟ ବ୍ୟବସ୍ଥା ସହ ଆଇନଶୃଙ୍ଖଳାକୁ ଗୁରୁତ୍ୱ ଦିଆଯାଇଛି। ଏହାର ସୁବନ୍ଦୋବସ୍ତ ନିମନ୍ତେ ପଦକ୍ଷେପ ନେବାକୁ ବୈଠକରେ ସ୍ଥିର କରାଯାଇଛି। ଚଳିତବର୍ଷ ମା'ଙ୍କର ଦୈନନ୍ଦିନ ବେଶ, ଯଜ୍ଞ ମଣ୍ଡପର ସାଜସଜ୍ଜା ଓ ପରିଚାଳନା ତଥା ପୂଜା ରୀତିନୀତିକୁ ଠିକ୍ ଭାବେ ନିର୍ବାହ କରାଯିବାକୁ ପରାମର୍ଶ ଦିଆଯାଇଛି। ୭ଦିନ ଧରି ପୀଠରେ ଭଜନ ସଂକୀର୍ତ୍ତନ, ପ୍ରବଚନ, ଗୀତାପାଠ, ଶତଚଣ୍ଡୀ, ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମକୁ ସୁପରିଚାଳନା ନିମନ୍ତେ ସେବାୟତମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେବାୟତ ଭାଗୀରଥି ଦୀକ୍ଷିତ, ଅନୁଗ୍ରହ ନାରାୟଣ ଦୀକ୍ଷିତ, ରସାନନ୍ଦ ଦୀକ୍ଷିତ, ମଦନମୋହନ ଦୀକ୍ଷିତ, ପଞ୍ଚାନନ ଦୀକ୍ଷିତ, ମନ୍ଦରଧର ଦୀକ୍ଷିତ, ସୁବ୍ରତ ଦୀକ୍ଷିତ, ନିକୁଞ୍ଜ ଦୀକ୍ଷିତ, ପ୍ରଦୀପ୍ତ ପଣ୍ଡା, ଶରତ ପଣ୍ଡା, ନିତ୍ୟାନନ୍ଦ ଦୀକ୍ଷିତ, ପ୍ରଶାନ୍ତ ଦୀକ୍ଷିତ, ବିଜୟ ଦୀକ୍ଷିତ, ଶେଖର ମହାପାତ୍ର, ନିରଞ୍ଜନ ଦୀକ୍ଷିତ, ମଧୁସୂଦନ ଦୀକ୍ଷିତ, ହରେକୃଷ୍ଣ ଦୀକ୍ଷିତ ଏବଂ ସରପଞ୍ଚ ବିଶ୍ୱନାଥ ନାୟକଙ୍କୁ ବିଭିନ୍ନ ବିଭାଗରେ ଦାୟିତ୍ୱ ବଣ୍ଟନ କରାଯାଇଥିବା ସୂଚନା ମିଳିଛି।

# 'ଲକ୍ଷ୍ୟ ନିର୍ଦ୍ଦିଷ୍ଟ ରହିଲେ ସଫଳତା ନିଶ୍ଚିତ'




ଭଦ୍ରକ କଲେଜ ପରିସରରେ ବାଣିଜ୍ୟ ବିଭାଗ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ କର୍ମଶାଳାରେ ଉପସ୍ଥିତ ଅତିଥି।

**ଭଦ୍ରକ ଅଫିସ, ୧୭।୧୦**

ଲକ୍ଷ୍ୟ ନିର୍ଦ୍ଦିଷ୍ଟ ରହିଲେ ସଫଳତା ନିଶ୍ଚୟ ମିଳିବ ବୋଲି ଭଦ୍ରକ କଲେଜ ପରିସରରେ ବାଣିଜ୍ୟ ବିଭାଗ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ କର୍ମଶାଳାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ସାର୍ଥକ କୁମାର ଜେନାଙ୍କ ସଂଯୋଜନା ଓ ପ୍ରତାପ କୁମାର ସାହୁଙ୍କ ଆବାହକତ୍ୱରେ 'ବାଣିଜ୍ୟ ଶିକ୍ଷାର ଭବିଷ୍ୟତ ଓ ଆହ୍ୱାନ' ଶୀର୍ଷକରେ କର୍ମଶାଳା ହୋଇଥିଲା। ମୁଖ୍ୟଅତିଥି ଭାବେ ଡ. ବିଚିତ୍ରାନନ୍ଦ ବଳ ଏବଂ ଅନ୍ୟତମ ଅତିଥି ଭାବେ ଡ. ପ୍ରଫୁଲ୍ଲ କୁମାର ସ୍ୱାଇଁ, ଡ. ସୌମ୍ୟ ସୁଜିତ୍ ମିଶ୍ର, ଡ. ସତ୍ୟାନନ୍ଦ ରାଉତରାୟ, ଡ. ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କଲେଜ ଅଧ୍ୟକ୍ଷ ପ୍ରସନ୍ନ କୁମାର ବିଶ୍ୱାଳ ପ୍ରାରମ୍ଭିକ ସୂଚନା ରଖି ବାଣିଜ୍ୟ ବିଭାଗରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର କର୍ମଶାଳାରେ ଉପସ୍ଥିତ ଥିଲେ।

# ଲକ୍ଷ୍ମୀନାରାୟଣ ପୂଜାରେ ଝଲସୁଛି ଜଗନ୍ନାଥପୁର

- ସ୍ଥାୟୀ ମଣ୍ଡପରେ ଚାଲିଛି ପୂଜାର୍ଚ୍ଚନା
- ଦର୍ଶକଙ୍କୁ ବାନ୍ଧି ରଖୁଛି ସଚେତନତା ବାରୁଆଳି

**ଭଦ୍ରକ ଅଫିସ, ୧୭।୧୦**

ଭଦ୍ରକ ବ୍ଲକ ଅଧୀନ ବେନ୍ତାଳ ପଞ୍ଚାୟତର ଜଗନ୍ନାଥପୁର ଗାଁ ଲକ୍ଷ୍ମୀନାରାୟଣ ପୂଜା ପାଇଁ ଉତ୍ସବମୁଖର ହୋଇଛି। ରଙ୍ଗବେରଙ୍ଗ ଆଲୋକମାଳାରେ ଗାଁ ପରିବେଶ ଝଲସୁଛି। ଚଳିତବର୍ଷ ଲକ୍ଷ୍ମୀନାରାୟଣଙ୍କ ଦର୍ଶନ ସକାଶେ ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଆସି ଭିଡ଼ ଜମାଉଛନ୍ତି। ଗାଁରେ ଥିବା ସ୍ଥାୟୀ ମଣ୍ଡପରେ ଲକ୍ଷ୍ମୀନାରାୟଣଙ୍କୁ ପୂଜାର୍ଚ୍ଚନା କରାଯାଉଛି। ପୌରାଣିକ ଲୋକକଥା ଦାନବୀର ହରିଶ୍ଚନ୍ଦ୍ର ଓ ମା' ଶକୁନ୍ତଳା ଭରତଙ୍କ ବାରୁଆଳି ଦର୍ଶକଙ୍କୁ ବାନ୍ଧି ରଖୁଛି। ଏହି ପୂଜା ଉତ୍ସବ ଜଗନ୍ନାଥପୁର ସମେତ ଆଖପାଖ ଗାଁର ଲୋକଙ୍କୁ ଏକତା ଓ ସଂହତିର ରଜ୍ଜୁରେ ବାନ୍ଧି ରଖିଛି ବୋଲି କୁହାଯାଇଛି। ୯ ଦିନ ପୂଜା ପରେ ଆସନ୍ତା ୨୨ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଆରମ୍ଭରୁ ପୂଜା ମଣ୍ଡପ ନିକଟରେ ପାଲା ହୋଇ ଆସୁଥିବା ବେଳେ ୧୯ ଓ ୨୦ ତାରିଖରେ ଯାତ୍ରା ପରିବେଷଣ ହେବ। ଭସାଣି ପୂର୍ବଦିନ ଆଖପାଖ ୫ ଖଣ୍ଡ ଗାଁ ଲୋକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିବା ପୂଜା କମିଟି ପକ୍ଷରୁ ଜଣାଯାଇଛି। ପୂଜା ପରିଚାଳନା ପାଇଁ ଗାଁର ଯୁବଗୋଷ୍ଠୀ ବେଶ୍ ତତ୍ପର ହୋଇଛନ୍ତି। ସବୁଠି ଲକ୍ଷ୍ମୀପୂଜା ହେଉଥିବା ବେଳେ ଜଗନ୍ନାଥପୁରରେ ଲକ୍ଷ୍ମୀନରାୟଣଙ୍କ ଯୁଗଳ ମୂର୍ତ୍ତି ପୂଜା ପାଇବା ଏକ ନିଆରା ପରମ୍ପରା ସୃଷ୍ଟି କରିଛି।

ଉଲ୍ଲେଖନୀୟ ଯେ, ଭଦ୍ରକ ବାଇପାସ୍ ରାସ୍ତାରୁ ଚାନ୍ଦବାଲିକୁ ସଂଯୋଗ କରୁଥିବା ସଡ଼କରେ ୧୦ କି.ମି. ଦୂରରେ ପଡ଼େ ବାରିକଛକ। ସେଠାରୁ ଆଉ ୩ କି.ମି. ଭିତରକୁ ଗଲେ ପଡ଼େ ଜଗନ୍ନାଥପୁର। ଏହି ଗାଁ ମଝିରେ ରହିଛି ନିଆରା ଲକ୍ଷ୍ମୀନାରାୟଣ ପୂଜାମଣ୍ଡପ। ପ୍ରତିବର୍ଷ କୁମାରପୂର୍ଣ୍ଣିମାଠାରୁ ପୂଜା ପାଆନ୍ତି ଲକ୍ଷ୍ମୀନାରାୟଣଙ୍କ ଯୁଗଳ ମୂର୍ତ୍ତି। ପ୍ରାୟ ୩ ପିଢ଼ି ଧରି ଗ୍ରାମୀଣ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ଏହି ପୂଜା ହୋଇଆସୁଛି। ଲକ୍ଷ୍ମୀନାରାୟଣଙ୍କ ଯୁଗଳ ମୂର୍ତ୍ତି ଦର୍ଶନ କରି ମାନସିକ କଲେ ପୂରଣ ହୋଇଥାଏ ବୋଲି ଜନବିଶ୍ୱାସ ରହିଛି। ଏଥିଲାଗି ଉକ୍ତ ପୂଜାମଣ୍ଡପ ଅଞ୍ଚଳରେ ପ୍ରସିଦ୍ଧିଲାଭ କରିଛି।



ମଣ୍ଡପରେ ପୂଜା ପାଉଛନ୍ତି ଲକ୍ଷ୍ମୀନାରାୟଣ।



ସଚେତନତା ବାର୍ତ୍ତା ଦେଉଥିବା ବାରୁଆଳି।

## ସଂକ୍ଷେପରେ

### ସାନଭାଇଙ୍କୁ ମରଣାନ୍ତକ ଆକ୍ରମଣ ମାମଲା
## ବଡ଼ଭାଇଙ୍କୁ ୨ବର୍ଷ ଜେଲ, ଜରିମାନା

**ଚମ୍ପୁଆ, ୧୭।୧୦(ଡି.ଏନ.ଏ.):** ଚମ୍ପୁଆ ଥାନା ଅନ୍ତର୍ଗତ ଗୁଣ୍ଡୁଣିଆ ଗ୍ରାମରେ ଘଟିଥିବା ଏକ ଆକ୍ରମଣ ମାମଲାର ବିଚାର କରି ଚମ୍ପୁଆ ଅତିରିକ୍ତ ଜିଲା ଦୌରାଜଜ୍ ଦୋଲଗୋବିନ୍ଦ ବାରିକ ଦୋଷୀଙ୍କୁ ୨ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥି ସହିତ ୧ହଜାର ଟଙ୍କା ଜରିମାନା ପାଇଁ ରାୟରେ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ବିବରଣୀ ଅନୁଯାୟୀ, ତା୨୧।୦୩।୨୦୧୯ରିଖରେ ଧୀରେନ ମୁଣ୍ଡା ନିଜ ସାନ ଭାଇଙ୍କ ସ୍ତ୍ରୀ ନଳିନୀ ମୁଣ୍ଡାଙ୍କ ସହ ପାଟିତୁଣ୍ଡ କରିବା ପରେ ଅଶାଳୀନ ବ୍ୟବହାର କରିଥିଲେ। ଏହାକୁ ସାନ ଭାଇ ଲିକୁନ ମୁଣ୍ଡା ବିରୋଧ କରିବାରୁ ଧୀରେନ ଏକ ଲୁହା ରଡ୍‌ରେ ତାଙ୍କୁ ଆକ୍ରମଣ କରିଥିଲେ। ବଡ଼ ଭାଇଙ୍କ ରଡ୍ ମାଡ଼ରେ ଲିକୁନ୍ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ନଳିନୀଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିଥିଲା। ୯ ଜଣ ସାକ୍ଷୀଙ୍କ ବୟାନ ଓ ନଳିନୀଙ୍କ ଅଭିଯୋଗକୁ ନେଇ କୋର୍ଟ ଆକ୍ରମଣକାରୀ ଧୀରେନ ମୁଣ୍ଡାଙ୍କୁ ୨ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ତରଫରୁ ଆଇନଜୀବୀ ମଧୁସୂଦନ ପତି ମକଦ୍ଦମା ପରିଚାଳନା କରିଥିଲେ।

## ବାଇକ ଦୁର୍ଘଟଣାରେ ଛାତ୍ରୀ ଗୁରୁତର

**ଆନନ୍ଦପୁର,୧୭। ୧୦(ସ୍ୱ.ପ୍ର.):** ଆନନ୍ଦପୁର ଶାଳପଡ଼ାଠାରେ ଥିବା କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବର୍ଷର ଜଣେ ଛାତ୍ରୀ ବାଇକ୍ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଗୁରୁତର ଛାତ୍ରୀ ଝୁନୁ ଦାସ(୧୭)ଙ୍କ ଘର ନନ୍ଦିପଦା ଥାନା ଶଙ୍ଖୋ ଅଞ୍ଚଳର। ଗୁରୁବାର ସକାଳେ ଛାତ୍ରୀ ଜଣଙ୍କ ସଂପୃକ୍ତ ଗ୍ରାମର ହରେକୃଷ୍ଣ ଜେନାଙ୍କ ସହିତ ବାଇକ୍ ଯୋଗେ କଲେଜକୁ ଆସୁଥିବାବେଳେ ଛେନାପଦି ଛକଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଉଭୟ ଆହତ ହୋଇଥିବାବେଳେ ଛାତ୍ରୀ ଜଣଙ୍କ ଗୁରୁତର ହୋଇଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି।

## ହେଉନି କାମ, ଗାଡ଼ି ମାଲିକ ହଇରାଣ

**କେନ୍ଦୁଝର, ୧୭।୧୦(ସ୍ୱ.ପ୍ର.):** ସରକାର ଆରଟିଓ ଅଫିସକୁ ଦଲାଲ ମୁକ୍ତ କଲେ। ଏହା ଫଳରେ ଗାଡି ମାଲିକମାନେ ଲାଭବାନ ହେବେ ବୋଲି ଆଶା ରଖିଥିଲେ। କିନ୍ତୁ ଏବେ ଦଲାଲ ଜରିଆରେ ଦୁଇ ପଇସା ରୋଜଗାର କରୁଥିବା ଦୁର୍ନୀତିଗ୍ରସ୍ତ କର୍ମଚାରୀ କାମ କରିବାକୁ ଆଗ୍ରହ କରୁନାହାନ୍ତି। ଫଳରେ ଗାଡିମାଲିକମାନେ ବହୁ ଅସୁବିଧା ଭୋଗୁଛନ୍ତି । ଗାଡି ପଞ୍ଜୀକରଣଠାରୁ ଆରମ୍ଭ କରି ଟନେଜ, ଫିଟନେସ, ଲାଇସେନ୍ସ ଆଦି କାମ ପାଇଁ ଆରଟିଓ ଅଫିସରେ ଗାଡି ମାଲିକଙ୍କ ଭିଡ ଜମୁଛି। ତେବେ କେତେକ କର୍ମଚାରୀ ଗାଡି ମାଲିକଙ୍କ କାମ ଠିକ ସମୟରେ କରୁ ନ ଥିବାରୁ ଅସନ୍ତୋଷ ବଢୁଛି । ଆଗଭଳି ହାତଗୁଞ୍ଜା ପାଉ ନ ଥିବାରୁ କାମ କରୁ ନ ଥିବା ଗାଡି ମାଲିକ ଅଭିଯୋଗ କରୁଛନ୍ତି। କାମରେ ସମସ୍ୟା ସୃଷ୍ଟି କରିବା ଆଶଙ୍କା କରି ଖୋଲାଖୋଲି ମୁହଁ ଖୋଲୁନାହାନ୍ତି। ଫାଇଲକୁ ଠିକ ସମୟରେ କାମ ନ କରି ଚାପି ରଖୁଥିବାରୁ ଗାଡି ମାଲିକ ଧାଇଁ ଧାଇଁ ନୟାନ୍ତ ହେଉଛନ୍ତି । ଏଣୁ ଏ ନେଇ ପଦକ୍ଷେପ ନେବାକୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଗାଡିମାଲିକ ନିବେଦନ କରିଛନ୍ତି ।

## ବିଡିଓଙ୍କ ହସ୍ତକ୍ଷେପ ପରେ ଲାଗିଲା ଏଲ୍‌ଇଡି

**ଆନନ୍ଦପୁର,୧୭। ୧୦(ସ୍ୱ.ପ୍ର.):** ଘସିପୁରା ବ୍ଲକ ରେକୁଟିଆ ଠାରେ ଜିଜି ସ୍କିମରେ ଦୁଇ ଗୋଟି ଏଲଇଡି ଲାଇଟ୍ ଲାଗିବାର ଥିଲା। ଲୋକମାନଙ୍କର ଆବଶ୍ୟକତା ଅନୁଯାୟୀ ପ୍ରସ୍ତାବିତ ସ୍ଥାନରେ ଲାଇଟ୍ ଲାଗିବା କଥା। ହେଲେ ଗ୍ରାମରେ ଜଣେ ବ୍ୟକ୍ତି ଅନ୍ୟ ଏକ ସ୍ଥାନରେ ଲାଇଟ୍ ଲଗାଇବାକୁ ଜିଦ୍ ଧରିଥିଲେ। ଫଳରେ ଲାଇଟ୍ ଲଗାଯାଇପାରି ନ ଥିଲା। ଏହି ଘଟଣା ଜାଣିବା ପରେ ଘସିପୁରା ବ୍ଲକ ବିଡିଓ ଡ. ମଧୁସ୍ମିତା ସାମନ୍ତରାୟ, ସହକାରୀ ଯନ୍ତ୍ରୀ ରବୀନ୍ଦ୍ର ନାୟକ ଗ୍ରାମରେ ଉପସ୍ଥିତ ରହି ଲାଇଟ୍ ଲଗାଇବାର ବ୍ୟବସ୍ଥା କରିଥିଲେ।

### ବାଳମୁକୁଳା ଦେବୀ ପୀଠରେ ଭିନ୍ନ ପରମ୍ପରା
# ମହିଳା କରନ୍ତି ପୂଜା, ଭୋଗ ଖାଇବା ମନା

(ନରେଶ ଚନ୍ଦ୍ର ପଟ୍ଟନାୟକ)
କେନ୍ଦୁଝର, ୧୭।୧୦

କେନ୍ଦୁଝର ଜିଲାର ବିଭିନ୍ନ ଅଞ୍ଚଳରେ ରହିଛନ୍ତି ଗ୍ରାମ ଦେବାଦେବୀ। ଏସବୁ ପୀଠରେ କାହିଁ କେଉଁ କାଳରୁ ଚାଲି ଆସିଥିବା ପୂଜାର୍ଚ୍ଚନା ଏବେବି ଜାରି ରହିଛି। ଏଭଳି ଏକ ପୀଠ ହେଲା ଗ୍ରାମଦେବୀ ବାଳମୁକୁଳା ଗ୍ରାମଦେବୀଙ୍କ ପୀଠ। ଏହି ପୀଠରେ ମହିଳାମାନେ ପୂଜା କରନ୍ତି ସତ, କିନ୍ତୁ ପୂଜା ପରେ ମନ୍ଦିର ଭୋଗକୁ ଖାଇବା ମନା ବୋଲି କାହିଁ କେଉଁ କାଳରୁ ପରମ୍ପରା ରହିଆସିଛି।

ଘଟଗାଁ ବ୍ଲକ ଭୋଲବେଡା ଗ୍ରାମରେ ରହିଛି ଏହି ଦେବୀ ପୀଠ। ଜିଲା ମୁଖ୍ୟାଳୟ ଠାରୁ ପ୍ରାୟ ୪୦ କି.ମି. ଦୂରରେ ଥିବା ଏହି ପୀଠରେ ପ୍ରତ୍ୟେକ ବର୍ଷ ଧାନ ନୂଆଖିଆ, ଆମ୍ବ ନୂଆଖିଆ, ବୈଶାଖ ଓ ଆଷାଢୀ ପର୍ବରେ ପୂଜା ହୁଏ। ଏହି ଦିନରେ ପୂଜାର୍ଚ୍ଚନା ସହ ଛେଦ ପଡିଥାଏ ବୋଲି କୁହନ୍ତି ଦୟାନିଧି ଦେହୁରୀ। ଗ୍ରାମର ଦେହୁରୀ କୀର୍ତ୍ତନ ନାୟକ ଏଠାରେ ପୂଜାପାଠ କରିଥାନ୍ତି। ଏଠାରେ ମାନସିକ କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ଲୋକଙ୍କର ଦୃଢ ବିଶ୍ୱାସ ରହିଛି। ହୁଡହୁଡ ବାତ୍ୟା ସମୟରେ ଏଠାରେ ଥିବା ଶାଳ ଭାଙ୍ଗିଯାଇଥିଲା । ଦେବୀ ଗ୍ରାମ ନିକଟ ହୁଡିକୁ ଚାଲିଯାଇଥିଲେ। ପରେ ସ୍ୱପ୍ନାଦେଶ ହେବାରୁ ସେଠାରୁ ପୂଜାର୍ଚ୍ଚନା ସହ ଦେବୀଙ୍କୁ ଏଠାକୁ ଅଣାଯାଇଥିବା ଗ୍ରାମବାସୀ କୁହନ୍ତି। କାହାର ପିଲାକୁ ଜ୍ୱର ବା ଅଜଣା ରୋଗ ହେଲେ ଡାକ୍ତରଖାନାରେ ଚିକିତ୍ସା ସତ୍ତ୍ୱେ ଭଲ ନ ହେଲେ ଏଠାରେ ପୂଜାର୍ଚ୍ଚନା କରି ଭଲ ହୋଇଥାନ୍ତି ବୋଲି ଗ୍ରାମର ପ୍ରତିମା ନାୟକ କହିଛନ୍ତି। ମା'ଙ୍କ ପାଖରେ ନଡିଆ, କଦଳୀ ଭୋଗରାଗ ସହ ମାନସିକ ତଥା ନିଜର କ୍ଷମତା ମୁତାବକ କୁକୁଡା, ଛେଳି, ମାଟି ଘୋଡା, ହାତୀ ଆଦି ଅର୍ପଣ କରାଯାଏ। ତେବେ ଶାଳରେ ଦେବୀଙ୍କ ପାଖରେ ହେଉଥିବା ପୂଜାରେ ମହିଳା ମାନେ ସାମିଲ ହେଉଥିଲେ ହେଁ ଭୋଗ ଖାଆନ୍ତି ନାହିଁ। କେବଳ ପୁରୁଷ ମାନେ ଭୋଗ ଖାଇଥାନ୍ତି ବୋଲି କୁହନ୍ତି ଅଭିର ନାୟକ। ମହିଳା ମାନେ ଶଙ୍ଖ ବଜାଇବା ସହ ହୁଳହୁଳି ପକାଇଥାନ୍ତି ଏବଂ ଦେହୁରୀ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥାନ୍ତି । ଏହି ଦେବୀ ବାଳମୁକୁଳା କରି ରାତିରେ ଗ୍ରାମରେ ବୁଲନ୍ତି ବୋଲି ଲୋକଙ୍କ ବିଶ୍ୱାସ ରହିଛି । ଫଳରେ ଗ୍ରାମକୁ ସବୁ ଦୁର୍ଗତିରୁ ରକ୍ଷା କରନ୍ତି । ବାଇଗଣପାଳ, ପିପିଲିଆ, ଡାବରଚୁଆ ଆଦି ଗ୍ରାମରେ ମଧ ଏହି ବାଳମୁକୁଳା ଦେବୀଙ୍କ ପୂଜାର୍ଚ୍ଚନା ହୋଇଥାଏ ।

ତେବେ ଏହି ଦେବୀଙ୍କ ପ୍ରତିଷ୍ଠାକୁ ନେଇ ରହିଛି କାହିଁ କେତେ ଲୋକ କଥା । କୁହାଯାଏ ବହୁ ଆଗରୁ ଏହି ଦେବୀ ଗ୍ରାମ ପାଖର ଏକ ବଡ ହୁଡିରେ ରହୁଥିଲେ। ସେଠାରେ ପୂଜାର୍ଚ୍ଚନା କରାଯାଇ ଆସୁଥିଲା । ଦିନେ ଦେହୁରୀ ପୂଜାସ୍ଥଳୀରେ ଏକ ନୋଟା ଛାଡି ଚାଲି ଆସିଥିଲେ। ପରେ ଲୋଟା ଆଣିବାକୁ ଯିବା ବେଳେ ସେଠାରେ ଦେବଦେବୀ ଆବିର୍ଭାବ ହୋଇ ଲଗାଯାଇଥିବା ଭୋଗରାଗ ଖାଉଥିବା ଦେଖିଦେଇଥିଲେ । ସେଥିରେ ଉତକ୍ଷିପ୍ତ ହୋଇ ଦେବଦେବୀ ଲୋଟାଟିକୁ ଏକ ଗୋଇଠା ମାରିଥିଲେ। ସେହି ଲୋଟା ଯେଉଁଠି ପଡିଲା ସେଠାରେ ଏହି ଶାଳ କରାଯାଇ ପୂଜାର୍ଚ୍ଚନା କରାଯାଇ ଆସୁଥିବା ଗ୍ରାମବାସୀ କୁହନ୍ତି।


ଶାଳ ଗଛ ମୂଳରେ ପୂଜା ପାଉଥିବା ବାଳମୁକୁଳା ଗ୍ରାମଦେବୀ।

## ଏମ୍‌ପିଙ୍କୁ ଭେଟିଲେ ଡାକ ଅଧିକାରୀ

କେନ୍ଦୁଝର, ୧୭।୧୦ (ସ୍ୱ.ପ୍ର.)

କେନ୍ଦୁଝର ଡାକ ବିଭାଗର ଅଧିକାରୀ ମାନେ ଗୁରୁବାର କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁଙ୍କୁ ତାଙ୍କ ଅଫିସରେ ସୌଜନ୍ୟମୂଳକ ସାକ୍ଷାତ କରି ଆଲୋଚନା କରିଛନ୍ତି। ମୁଖ୍ୟଡାକଘରର ଡାକମଣ୍ଡଳର ଅଧକ୍ଷ ରାଜେନ୍ଦ୍ର କୁମାର ପଟ୍ଟନାୟକ, ଉପାଧକ୍ଷ ରାଧାକୃଷ୍ଣ ସାହୁ, ଇଣ୍ଡିଆ ପୋଷ୍ଟ ବ୍ୟାଙ୍କର ବରିଷ୍ଠ ପ୍ରବନ୍ଧକ ଚିନ୍ତାମଣୀ ପାଗଳ, ପୋଷ୍ଟାଲ ଇନ୍‌ସ୍ପେକ୍ଟର ସଞ୍ଜୟ କୁମାର ପ୍ରମୁଖ ସାକ୍ଷାତ କରିଛନ୍ତି। ଦୁର୍ଗମ ଅଞ୍ଚଳଠାରୁ ଆରମ୍ଭ ଭାରତର କୋଣ ଅନୁକୋଣକୁ ଡାକସେବା ଯୋଗାଇ ଦେଇଆସୁଥିବା ସର୍ବ ବୃହତ ନେଟୱାର୍କ ଭାରତୀୟ ଡାକବିଭାଗର ବିଭିନ୍ନ କାମକାର୍ଯ୍ୟକୁ ଆଲୋଚନା କରିଥିଲେ । ଦେଶର ସାଧାରଣ ଲୋକଙ୍କ ପାଖକୁ ବ୍ୟାଙ୍କ ସେବା ଯୋଗାଇଦେଉଆସୁଥିବା ସେବା ସଫଳତାର ସହ ପହଞ୍ଚାଇବା ପାଇଁ ୧ ଲକ୍ଷ ୫୫ ହଜାର ୫୩୨ ଡାକଘର ମଧ୍ୟରୁ ଗ୍ରାମାଞ୍ଚଳରେ ଥିବା ୧ ଲକ୍ଷ ୩୯ ହଜାର ୮୮୨ ଡାକଘର ସଫଳତାର ସହ ଭାରତୀୟ ଡାକ ସେବା ଯୋଗାଇଦେଉଆସୁଛି । ଏଥିପାଇଁ ଡାକଘର କର୍ମଚାରୀ ମାନେ ଅଙ୍ଗୀକାର ହୋଇ କାମ କରି ଆସୁଛନ୍ତି। ସେଥିଲାଗି ଏମ୍‌ପି ଡାକ କର୍ମଚାରୀଙ୍କ କାମକାର୍ଯ୍ୟକୁ ପ୍ରଶଂସା କରିଥିଲେ । ସେହିପରି ଏହି ସେବାକୁ ସଫଳତାର ସହ କରିବା ପାଇଁ ଅଧିକାରୀ ମାନେ ଏମ୍‌ପିଙ୍କ ସାହାଯ୍ୟ ଓ ପରାମର୍ଶ ଲୋଡିଛନ୍ତି। ସେମାନଙ୍କୁ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରିବେ ବୋଲି ଚନ୍ଦ୍ରାଣୀ କହିଛନ୍ତି।


ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁଙ୍କ ସହ ଡାକ ଅଧିକାରୀମାନେ ଆଲୋଚନା କରୁଛନ୍ତି।

## ବନ ବିଭାଗର ଚଢ଼ାଉ, ୪ ଗିରଫ

ବଡ଼ବିଲ, ୧୭।୧୦ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ବନାଞ୍ଚଳ ସିଦ୍ଧମଠ ସଂରକ୍ଷିତ ଜଙ୍ଗଲରୁ ଗଛକାଟି ଚୋରା ଚାଲାଣ ବେଳେ ୪ କାଠ ମାଫିଆଙ୍କୁ ବୁଧବାର ରାତିରେ ବନବିଭାଗ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମ ସିଂହଭୂମ ଜିଲା ମଝିଗାଁ ଥାନା ଖାଲପଶି ଗ୍ରାମର ଏମାନୁଲ ହୁସୈନ, ରୁଗୁଡି ଥାନା କୋହ୍ଲରୋଇଡା ଗ୍ରାମର ଜିତେନ୍ଦ୍ର ହେମ୍ବ୍ରମ, ଯୋଡା ଥାନା ଅନ୍ତର୍ଗତ ବନେଇକଳା ଅଞ୍ଚଳର ଜନ୍ ମୁଣ୍ଡା ଓ ଜିତେନ ମୁଣ୍ଡା। ବନ ବିଭାଗ ଘଟଣାସ୍ଥଳରୁ ୬ଟି ବିଶାଳ କାଠଗଣ୍ଡି, ୧୪ଟି ବିଶାଳ ସିଲପଟ, ଗୋଟିଏ କରତ ସମେତ ଏକ ବାଇକ ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗୁଆଲି ଫରେଷ୍ଟର ଦାୟିତ୍ୱରେ ଥିବା ବଡବିଲ ଫରେଷ୍ଟର ଦଶରଥ ଗିରି, କେନ୍ଦୁଡିହ ବିଟ୍ ଫରେଷ୍ଟ ଗାର୍ଡ ସରୋଜ ନାଏକ ଓ ଝାଡଗାଁ ବିଟ୍ ଫରେଷ୍ଟ ଗାର୍ଡ ରତ୍ନାକର ମହାନ୍ତ ଏହି ଚଢ଼ାଉରେ ସାମିଲ ଥିଲେ।

## ମହିଳାଙ୍କୁ ଆକ୍ରମଣ, ବଳାତ୍କାର ଉଦ୍ୟମ

ହାଟଡିହୀ,୧୭। ୧୦(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସଡଙ୍ଗ ଅଞ୍ଚଳରେ ଜଣେ ମହିଳାଙ୍କୁ ଆକ୍ରମଣ ସହ ଦୁର୍ବ୍ୟବହାର କରାଯାଇଥିବା ନନ୍ଦିପଦା ଥାନାରେ ଅଭିଯୋଗ ହୋଇଛି। ଘରେ କେହି ନଥିବା ସମୟରେ ଜଣେ ମହିଳାଙ୍କୁ ସେହି ଗ୍ରାମର ଜଣେ ବ୍ୟକ୍ତି ଘରେ ପଶି ମାଡ ମାରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ମହିଳାଙ୍କ ସ୍ୱାମୀ ଓ ପୁଅ ସେହି ସମୟରେ ପହଞ୍ଚି ସେହି ବ୍ୟକ୍ତି ବଳାତ୍କାର ଉଦ୍ୟମ କରୁଥିବାବେଳେ ତାଙ୍କୁ ଅଟକାଇ ଥିଲେ। ଆହତ ମହିଳାଙ୍କୁ ଶାଳଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ନନ୍ଦିପଦା ପୋଲିସ ଅଭିଯୋଗ ପାଇବା ପରେ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଥିବା ଆଇଆଇସି ମାନସ ସ୍ୱାଇଁ କହିଛନ୍ତି।

## ବିସ୍ଥାପିତଙ୍କୁ ଭେଟିଲେ ଜିଲାପାଳ, ଜଙ୍ଗଲ ପରିବେଶ ବିଭାଗ ସଚିବ

ବଉଲା/ହାଟଡିହୀ, ୧୭।୧୦(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ପିତାନାଉ ଗ୍ରାମର କେତେକ ଲୋକ ବିସ୍ଥାପିତ ହୋଇ ଢେଙ୍କା ପଞ୍ଚାୟତ ଝଣଝଣାର ବନବିଭାଗ ପକ୍ଷରୁ ହୋଇଥିବା ଆଶ୍ରୟସ୍ଥଳରେ ରହିଛନ୍ତି । ଏହି ଆଶ୍ରୟ ସ୍ଥଳୀରେ ରହିଥିବା ଲୋକମାନେ କିଭଳି ରହିଛନ୍ତି ତାଙ୍କୁ ଦେଖିବା ପାଇଁ ଜଙ୍ଗଲ ପରିବେଶ ବିଭାଗ ସଚିବ ମୋନା ଶର୍ମା ପରିଦର୍ଶନ କରିଥିଲେ । ଜିଲାପାଳ ଆଶିଷ ଠାକେର, ଡିଏଫଓ ଅଜିତ୍ ଶତପଥୀ, ଏସିଏଫଓ ପ୍ରଫୁଲ୍ଲ ମଲ୍ଲିକ, ବିଡିଓ ସୁଶାନ୍ତ ବାରିକ, ତହସିଲଦାର ଗାୟତ୍ରୀ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୟରେ ଦିବ୍ୟାଙ୍ଗ ଅତୁଲ ଖଣ୍ଡାୟୀ ଯେଉଁ ତିନି ଚକିଆ ସାଇକେଲ ଚଳାଉଛନ୍ତି ସେ ସାଇକେଲଟି ଠିକ ହେଉନାହିଁ ତେଣୁ ହାତ ଚକା ସାଇକେଲ ଦେବାକୁ ଅନୁରୋଧ କରିଥିଲେ। ଏହାକୁ ନେଇ ଜିଲାପାଳ ଓ ସଚିବ ଆବଶ୍ୟକ କରୁଥିବା ସାଇକେଲଟି ଦେବାକୁ ଉପସ୍ଥିତ ଅଧିକାରୀଙ୍କୁ କହିଥିଲେ। ପ୍ରଶାସନ ପକ୍ଷରୁ ଆର୍ଥିକ ସାହାଯ୍ୟ କରାଗଲେ କଣ କରିପାରିବେ ବୋଲି ତାଙ୍କୁ ପଚାରିଥିଲେ। ସେ ଦୋକାନ ଦେଇ ନିଜର ଗୁଜୁରାଣ ମେଣ୍ଟାଇବେ ବୋଲି କହିଥିଲେ। ଫଳରେ ତାଙ୍କୁ ଜିଲାପାଳ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଆଶ୍ୱାସନା ଦେଇଛନ୍ତି। ଜିଲାପାଳଙ୍କର ଏଭଳି କାର୍ଯ୍ୟକୁ ଉପସ୍ଥିତ ଲୋକେ କୃତଜ୍ଞତା ଜଣାଇଥିଲେ।

## ପ୍ଲାଷ୍ଟିକ୍ ବର୍ଜନ ସଚେତନତା ଶୋଭାଯାତ୍ରା



ଜିଲାପାଳ ଆଶିଷ ଠାକ୍‌ରେ ପତାକା ଦେଖାଇ ଶୋଭାଯାତ୍ରା ଆରମ୍ଭ କରୁଛନ୍ତି।

କେନ୍ଦୁଝର, ୧୭।୧୦
(ଡି.ଏନ୍.ଏ./ସ୍ୱ.ପ୍ର.)

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝର ଆନୁକୂଲ୍ୟରେ ଗୁରୁବାର ସକାଳେ ପ୍ଲାଷ୍ଟିକ୍ ବର୍ଜନ ସମ୍ପର୍କିତ ସଚେତନତା ଶୋଭଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଠାକରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଏବଂ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଏହି ଶୋଭାଯାତ୍ରାରେ ସାମିଲ ହୋଇ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ଓ ପଲିଥିନ୍ ବର୍ଜନ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ନଗରଭବନ ପର୍ଯ୍ୟନ୍ତ ଯାଇଥିଲା। ପ୍ଲାଷ୍ଟିକ୍ ଓ ପଲିଥିନ ବର୍ଜନ ଅଭିଯାନ ପରିବାରରୁ ବ୍ୟକ୍ତିଗତସ୍ତରରେ ଆରମ୍ଭ ହେବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରି କେନ୍ଦୁଝର ଜିଲାରେ ଏହି ଅଭିଯାନର ସଫଳତା ପାଇଁ ଜିଲାବାସୀଙ୍କର ସହଯୋଗ କାମନା କରିଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ଉକ୍ତ ଶୋଭାଯାତ୍ରାର ସଂଯୋଜନା କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ, ନିରଞ୍ଜନ ଜେନା ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଶୋଭାଯାତ୍ରାରେ ଉପସ୍ଥିତ ଥିଲେ।

## ଆଜି ଆନନ୍ଦପୁର ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ଆନନ୍ଦପୁର,୧୭। ୧୦(ସ୍ୱ.ପ୍ର.)

ହାଇକୋର୍ଟ ବାରକୁ ସମର୍ଥନ ଜଣାଇ ଆନନ୍ଦପୁର ଓକିଲ ସଂଘ୧୮ ତାରିଖ ଶୁକ୍ରବାର କାର୍ଯ୍ୟବନ୍ଦ ପାଇଁ ନିଷ୍ପତ୍ତି ନେଇଛି। ଓକିଲ ସଂଘ ସଭାପତି ସଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ଗୁରୁବାର ଅପରାହ୍ନରେ ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସର୍ବସମ୍ମତି ନିଷ୍ପତ୍ତି କ୍ରମେ ସମ୍ପ୍ରତି କଲେଜିୟମ୍ ବ୍ୟବସ୍ଥା ଉଚ୍ଛେଦ ଦାବି ଓ ଆଇନଜୀବୀଙ୍କ ଆନ୍ଦୋଳନକୁ ନେଇ ହାଇକୋର୍ଟ ନିଜ ଆଡୁ କରିଥିବା ଅଦାଲତ ଅବମାନନା ମାମଲାରେ ଓଡିଶା ହାଇକୋର୍ଟ ବାର ଆସୋସିଏସନର ପ୍ରତିକ୍ରିୟାକୁ ସମର୍ଥନ ଜଣାଇ ଆଗାମି ୧୮ ତାରିଖ ଶୁକ୍ରବାରକୁ କୋର୍ଟ କାର୍ଯ୍ୟକୁ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସମ୍ପାଦକ ଅମର ମହାପାତ୍ର, ଉପସଭାପତି ଜୟନ୍ତ ରାଜ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ମାଝୀ, କୋଷାଧ୍ୟକ୍ଷ ଅଶୋକ ରାଉଳ, ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାଶ, ନଳିନୀ ରଞ୍ଜନ ପଣ୍ଡା, ଗୋପାଳ ମିଶ୍ର, ବ୍ରଜବନ୍ଧୁ ସାହୁଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ

କେନ୍ଦୁଝର, ୧୭।୧୦
(ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଆୟୋଜିତ ୪୨ତମ ଜିଲାସ୍ତରୀୟ ୧୭ବର୍ଷରୁ କମ୍ ବାଳକ ବର୍ଗର ଫୁଟବଲ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଶାରୀରିକ ଶିକ୍ଷା ନିରୀକ୍ଷକ ସର୍ଦ୍ଦାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଲେଖ ଚରଣ ନାୟକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଧରଣୀଧର କ୍ରୀଡ଼ା ଛାତ୍ରାବାସର ଦୌଡକୁଦ ବିଭାଗର ଅଭିଜ୍ଞ ପ୍ରଶିକ୍ଷକ ସୁବ୍ରତ ମହାନ୍ତି ଯୋଗ ଦେଇଥିଲେ। ସଭା କାର୍ଯ୍ୟ ଆରମ୍ଭରେ ରବୀନ୍ଦ୍ର ବିଦ୍ୟା ନିକେତନର କ୍ରୀଡା ଶିକ୍ଷକ କମଲେଶ ସିଂ ସ୍ୱାଗତଭାଷଣ ଦେଇଥିଲେ। ଏହି ପ୍ରତିଯୋଗିତାରେ ୧୩ଟି ବ୍ଲକରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସଦର ଓ ଯୋଡା ବ୍ଲକ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିବାବେଳେ ଯୋଡା ବ୍ଲକ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଏହି କ୍ରୀଡା ପ୍ରତିଯୋଗିତାକୁ କ୍ରୀଡା ଶିକ୍ଷକ କମଲେଶ ସିଂହ, ହୃଷୀକେଶ ମହାନ୍ତ, ତ୍ରିନାଥ ପ୍ରଧାନ, ସୁଶାନ୍ତ ସାମଲ, ଜଗବନ୍ଧୁ ମହାନ୍ତ, ରଙ୍ଗାଧର ମହାନ୍ତ, ଲମ୍ବୋଦର ମହାନ୍ତ ପ୍ରମୁଖ ପରିଚାଳନା କରିଥିବାବେଳେ ପ୍ରଦୀପ ବାରିକ,ରଞ୍ଜନ କୁମାର ମହାନ୍ତ,ସୁଶୀଲ ନାଏକ, ଦୟାନିଧି ମହାକୁଡ, ଗୋପବନ୍ଧୁ ମହାନ୍ତ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ଶେଷରେ ମୋଚିବନ୍ଧ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଫକୀର ଚରଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିଙ୍କ ସହ ଚାମ୍ପିୟନ ଟିମ୍।

### ମଦ ବିରୋଧୀ ଆନ୍ଦୋଳନ ପାଇଁ ମହିଳାଙ୍କ ସମାବେଶ
# ଉଦ୍‌ଘାଟିତ ହେଲା କ୍ରାନ୍ତି କାର୍ଯ୍ୟାଳୟ


ସମାବେଶରେ ଯୋଗଦେଇଥିବା ମହିଳା।

ଆନନ୍ଦପୁର,୧୭। ୧୦(ସ୍ୱ.ପ୍ର.)

ଆନନ୍ଦପୁର ଥାନା ଅନ୍ତର୍ଗତ ଅକରୁଆ ପଞ୍ଚାୟତ ଦଧିବାମନପୁର ଗ୍ରାମରେ ମଦ ବିରୋଧୀ ମହିଳାଙ୍କ ମହାସମାବେଶ ଦେଖିବାକୁ ମିଳିଛି। ଏହି ଉପଲକ୍ଷେ ଗ୍ରାମରେ ଏକ ସଭାର ଆୟୋଜନ କରାଯାଇଥିଲା। ଜାନକୀ ଜେନା ଏବଂ ଲୀଳାବତୀ ପରିଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାଙ୍କ ଏତାଦୃଶ କାର୍ଯ୍ୟକଳାପକୁ ପ୍ରଶଂସା କରିବା ସହିତ କ୍ରାନ୍ତି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଧାୟକ ସେଠୀ, ଗ୍ରାମାଞ୍ଚଳରେ ବୃଦ୍ଧି ପାଉଥିବା ମଦର ପ୍ରଭାବକୁ ରୋକିବା ଦିଗରେ ମହିଳାମାନେ ବହୁତ ଭଲ ପଦକ୍ଷେପ ନେଇଥିବା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନାରିନେତ୍ରୀ ବସୁମତୀ ପଣ୍ଡା, ସରପଞ୍ଚ ସୁଶୀଳା ସେଠୀ ପ୍ରମୁଖ ଉପସ୍ଥିତ ରହି ମଦ ବିରୋଧୀ ସ୍ଲୋଗାନ ଦେବା ସହିତ ଚୋରା ମଦ ବିକ୍ରି ଉପରେ ପ୍ରତିବନ୍ଧକ ଲଗାଯିବା ଆବଶ୍ୟକ ବୋଲି ମତ ଦେଇଥିଲେ। ସଭା ପ୍ରାରମ୍ଭରୁ ଆନନ୍ଦପୁର ଚାଇଲ୍ଡଲାଇନ୍ ଟିମ୍ ଲିଡର ନରେନ୍ଦ୍ର ପରିଡାଙ୍କ ନେତୃତ୍ୱରେ ସଦସ୍ୟ ହିମାଂଶୁ କୁମାର ରାମ, ଆନନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ମହିଳାମାନେ ସଚେତନ ହେଲେ ବାଲ୍ୟ ବିବାହ ଭଳି କୁପ୍ରଥାକୁ ଏଡାଇ ଦିଆଯାଇପାରିବ ବୋଲି ଉପସ୍ଥିତ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ।

## ରରୁଆଁଗୋଡ଼ାରେ ମଦ ବିରୋଧୀ ଅଭିଯାନ

ଚମ୍ପୁଆ, ୧୭।୧୦(ଡି.ଏନ.ଏ.)

ଚମ୍ପୁଆ ବ୍ଲକ ରଙ୍ଗାମାଟିଆ ପଞ୍ଚାୟତର ରରୁଆଁଗୋଡ଼ାଠାରେ ନିଶାମୁକ୍ତ ଓଡ଼ିଶା ଗଠନ ପରିପ୍ରେକ୍ଷୀରେ ମଦ ବିରୋଧୀ ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବ ନାଟ୍ୟକାର ରଘୁନାଥ ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମଦ ବିରୋଧୀ ଅଭିଯାନରେ ୨୧ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗ ଦେଇଥିଲେ। ଏହି ସଦସ୍ୟାମାନେ ମହୁଲି, ହାଣ୍ଡିଆ, ଗଞ୍ଜେଇ ଓ ବିଦେଶୀ ମଦ ବିକ୍ରି ଏବଂ ବ୍ୟବହାର କରିବାକୁ ଘୋର ବିରୋଧ କରିଥିଲେ। ବିଶେଷ ଭାବରେ ପରିବାରର ମହିଳାଙ୍କ ଅପେକ୍ଷା ପୁରୁଷମାନେ ଅଧିକ ନିଶା ସେବନ କରୁଥିବାରୁ ସଦସ୍ୟାମାନେ ଘରକୁ ଘର ବୁଲି ଏହା ବ୍ୟବହାର ନ କରିବାକୁ ସଚେତନ କରିଥିଲେ। ଏହି ପରିପ୍ରେକ୍ଷୀରେ ଗ୍ରାମ ଶିବ ମନ୍ଦିରଠାରେ ଏକ ସଚେତନତା ସଭା ଆୟୋଜନ କରାଯାଇଥିଲା। ଏଥିରେ ବିଶିଷ୍ଟ ବ୍ୟକ୍ତି ଚନ୍ଦ୍ର ମୋହନ ନାଏ, ବଲ୍ଲଭ ନାଏକ, ମାଗୁଣି ଚରଣ ପ୍ରଧାନ, ବନମାଳୀ ନାଏକ, ନବୀନ ସେଠୀ, ଯୁବ କବି ନକୁଳ ଚରଣ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଦୁଇ ଅଟୋ ସଂଘ ମଧ୍ୟରେ ବିବାଦ ହଇରାଣ ହେଉଛନ୍ତି ଯାତ୍ରୀ

**ଆନନ୍ଦପୁର,୧୭। ୧୦(ସ୍ୱ.ପ୍ର.):** ଆନନ୍ଦପୁର ଓ ଘସିପୁରାରେ ଥିବା ଦୁଇ ଅଟୋ ସଂଘ ମଧ୍ୟରେ ତିନି ଦିନ ହେବ ବିବାଦ ଲାଗି ଥିଲେ ବି କୌଣସି ସମାଧାନର ରାସ୍ତା ବାହାରି ନ ଥିବା ଯାତ୍ରୀମାନେ ନାନା ହଇରାଣ ହରକତ ହେଉଛନ୍ତି। ଅଟୋ ଗୁଡିକ ନେଇଯାଉଥିବା ଯାତ୍ରୀମାନଙ୍କୁ ଅନ୍ୟ ସଂଘର ସୀମାରେ ଛାଡିବାକୁ ବାଧ ହେଉଛନ୍ତି। ନଚେତ ଅନ୍ଯ ସଂଘର ଅଟୋ ଚାଳକମାନେ ସେମାନଙ୍କ ସୀମାରେ ଯାତ୍ରୀମାନଙ୍କୁ ଜୋରଜବରଦସ୍ତ ଓହ୍ଲାଇ ଦେଉଛନ୍ତି। ଫଳରେ ଗୁରୁତର ରୋଗୀ ମଧ୍ୟ ପ୍ରଭାବିତ ହେଉଛନ୍ତି। ଦୁଇ ଅଟୋ ସଂଘ ବିବାଦରେ ଯାତ୍ରୀମାନେ ନାହିଁନଥିବା ହଇରାଣ ହେଉଥିବା ଦେଖାଯାଇଛି। ଏହାକୁ ପ୍ରତିବାଦ କରି ଆନନ୍ଦପୁର ଅଟୋ ସଂଘ ଘସିପୁରା ଥାନାର ଦ୍ୱାରସ୍ଥ ହୋଇଥିବା ସୂଚନା ମିଳିଛି। ଆନନ୍ଦପୁର ଅଟୋ ସଂଘର ସଭାପତି ନରେନ୍ଦ୍ର କୁମାର ଜେନା ଘଟଣାକୁ ସ୍ୱୀକାର କରିବା ସହିତ ଏହାକୁ ନେଇ ଥାନାରେ ସମାଧାନ ପାଇଁ ମୌଖିକ ଭାବେ ଜଣାଇଥିବା କହିଛନ୍ତି। ହେଲେ ପୋଲିସ ଉଭୟ ସଂଘର କର୍ମକର୍ତ୍ତାଙ୍କୁ ଡକାଇ ବୁଝାଶୁଝା କରିବା କଥା କିନ୍ତୁ ଏଯାଏ ସମାଧାନ ହୋଇ ନାହିଁ।

### ଦାବି ପୂରଣ ନ ହେଲେ ସପରିବାର ଆନ୍ଦୋଳନ ଚେତାବନୀ

**କେନ୍ଦୁଝର, ୧୭।୧୦(ସ୍ୱ.ପ୍ର.):** ଗାଁ ସାଥୀ (ମେଟ୍‌ସଂଘ) ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡିଶା ପକ୍ଷରୁ ବିଭିନ୍ନ ଦାବି ସମାଧାନ କରିବା ନେଇ ଗୁରୁବାର ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ୨୦୦୮ ମସିହାରୁ ନିଯୁକ୍ତି ହୋଇ ଏମଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କାମ କରିଆସୁଛନ୍ତି । ଜିଲାରେ ପାଖାପାଖି ୨ ହଜାର ଗାଁ ସାଥୀ ନିଯୁକ୍ତି ପାଇ କାମ କରୁଛନ୍ତି । କିନ୍ତୁ ସେମାନଙ୍କୁ ନିୟମିତ କାମ ମିଳୁ ନ ଥିବା ବେଳେ ଉପଯୁକ୍ତ ସୁବିଧା ମିଳୁ ନ ଥିବାରୁ ଆର୍ଥିକ ଅନାଟନରେ ଚଳୁଥିବା କହିଛନ୍ତି। ୨୦୧୯ ଜାନୁୟାରୀ ୧୧ରେ ସରକାର ଘୋଷଣା କଲେ ଯେ ମାସକୁ ସର୍ବନିମ୍ନ ୧୦ ଦିନ ଓ ବର୍ଷକୁ ୧୦୦ ଦିନ କାର୍ଯ୍ୟ ମିଳିବ ବୋଲି ପିଆର ବିଭାଗର ୯୪୦ ନମ୍ବର ଚିଠିରେ ପ୍ରକାଶ କରିଥିଲେ। ତେବେ ଅଦ୍ୟାବଧି କାମ ମିଳୁନାହିଁ। ଏସମ୍ପର୍କରେ ଜିଲା ସଭାପତି ମନୋଜ ସରୋଜ ପଣ୍ଡା କହିଛନ୍ତି ଯେ, ଆସନ୍ତା ୨୭ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ତେବେ ନଭେମ୍ବର ୪ ତାରିଖରେ ରାଜଧାନୀରେ ପରିବାର ସହ ଆନ୍ଦୋଳନରେ ବସିବୁ। ଏନେଇ ଜିଲାପାଳ ଓ ପିଡିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି।

### ମହିଳାଙ୍କ ବେକରୁ ସୁନା ହାର ଲୁଟ୍

**ଭଦ୍ରକ ଅଫିସ, ୧୭।୧୦:** ଭଦ୍ରକ ଟାଉନ ଥାନା ଅଧୀନ ବଙ୍କସାହିର ଜଣେ ମହିଳାଙ୍କ ବେକରୁ ସୁନା ହାର ମଙ୍ଗଳବାର ୨ ଜଣ ଲୁଟେରା ଲୁଟି ନେଇଛନ୍ତି। ଏ ନେଇ ମହିଳାଙ୍କ ସ୍ୱାମୀ ଉମାକାନ୍ତ ସାହୁ ବୁଧବାର ଟାଉନ ଥାନାରେ ଏତଲା ଦାଏର କରିଛନ୍ତି। ଥାନାରେ ମାମଲା (ନଂ.୩୦୯/୧୯) ରୁଜୁ ହୋଇଛି। ଉମାକାନ୍ତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଅଳଙ୍କାର ସଫା କରିବା ଆଳରେ ଦୁଇ ଲୁଟେରା ତାଙ୍କ ସ୍ତ୍ରୀଙ୍କଠାରୁ ସୁନା ହାର ଲୁଟି ନେଇଛନ୍ତି। ତେବେ ଲୁଟ୍ ବେଳର ଦୃଶ୍ୟ ତାଙ୍କ ଘରେ ଲାଗିଥିବା ସିସିଟିଭିରେ ରେକର୍ଡିଂ ହୋଇଛି। ପୋଲିସ ଉକ୍ତ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛି।

### ଅଳିଆ ପକାଇଲେ ଜରିମାନା

**ଭଦ୍ରକ ଅଫିସ, ୧୭।୧୦:** ଏଣିକି ସର୍ବସାଧାରଣ ସ୍ଥାନ କିମ୍ବା ରାସ୍ତା ଉପରେ ଅଳିଆ ପକାଇଲେ ଜରିମାନା ଦେବାକୁ ପଡ଼ିବ। ଭଦ୍ରକ ପୌରପାଳିକା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ପୌରାଞ୍ଚଳ ବାସିନ୍ଦା ଏହାକୁ ସ୍ୱାଗତ କରିଛନ୍ତି। ସହରକୁ ସ୍ୱଚ୍ଛ ରଖିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରମା ଭୂୟାଁ କହିଛନ୍ତି।

### ଘେରାଉ ପରେ ପ୍ରଧାନଶିକ୍ଷକଙ୍କ ବଦଳି

**ବନ୍ତ,୧୭।୧୦(ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକ ଧନି ଓଝା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନିୟମିତତା ଓ ପରିଚାଳନାଗତ ତ୍ରୁଟି ନେଇ ଅଭିଯୋଗ ହୋଇଥିଲା। ପ୍ରଧାନଶିକ୍ଷକଙ୍କ ବଦଳି ଦାବି କରି ଗତ ମଙ୍ଗଳବାର ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମର ମହିଳାମାନେ ଘେରାଉ କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ସେଠାରୁ ଉଦ୍ଧାର କରିଥିଲା। ଏହି ଘଟଣା ପରେ ଗୁରୁବାର ଜିଲା ଶିକ୍ଷାଧିକାରୀ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ବେଗନା ଉ.ପ୍ରା. ବିଦ୍ୟାଳୟକୁ ବଦଳି କରିଥିବା ଜଣାଯାଇଛି।

# ଧାଡ଼ିରୁଆ କାର୍ଯ୍ୟକ୍ରମରେ ଅନିୟମିତତା

## ପ୍ରକୃତ ଚାଷୀଙ୍କୁ ଉପେକ୍ଷା ଅଭିଯୋଗ

**ବନ୍ତ, ୧୭।୧୦ (ଡି.ଏନ.ଏ.)**

ଚାଷୀମାନଙ୍କୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ବିଜିଆର୍‌ଇଆଇ (ବ୍ରିଙ୍ଗିଂ ଗ୍ରୀନ ରିଭୋଲ୍ୟୁସନ ଇନ୍ ଇଷ୍ଟର୍ନ ଇଣ୍ଡିଆ) ଯୋଜନାରେ ଧାଡ଼ିରୁଆ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ସହ ବିହନ, ସାର, କୀଟନାଶକ ଆଦି ଆନୁଷଙ୍ଗିକ ସାମଗ୍ରୀ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଏ ନେଇ ଚାଷ କାର୍ଯ୍ୟ ପୂର୍ବରୁ ଧାଡ଼ିରୁଆ କାର୍ଯ୍ୟକ୍ରମ ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଯିବା ସହ ସ୍ୱତନ୍ତ୍ର ବୈଠକ ମାଧ୍ୟମରେ ଚାଷୀ ଚୟନ କରାଯିବାର ନିୟମ ରହିଛି। ଭଦ୍ରକ ଜିଲା ବନ୍ତ ବ୍ଲକରେ ଏହି କାର୍ଯ୍ୟକ୍ରମରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ କରାଯାଇଛି। ସମସ୍ତ ସରକାରୀ ନୀତିନିୟମକୁ ଉଲ୍ଲଙ୍ଘନ କରାଯାଇ କେବଳ ଲୋକଦେଖାଣିଆ ଭାବେ ଏହି କାର୍ଯ୍ୟକ୍ରମ ଚାଲିଥିବା ବ୍ଲକ ସହକାରୀ କୃଷି ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି।

ଅଭିଯୋଗ ହୋଇଛି ଯେ, ଚଳିତ ଖରିଫ ଋତୁରେ ଏହି ବ୍ଲକରେ ୩୦୦ ହେକ୍ଟର ଚାଷ ଜମିରେ ଧାଡ଼ିରୁଆ କାର୍ଯ୍ୟକ୍ରମ କରିବା ନେଇ ଅର୍ଥ ମଞ୍ଜୁର ହୋଇଥିଲା। ମାତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସମସ୍ତ ଚାଷୀଙ୍କୁ ଅବଗତ କରା ନ ଯାଇ ମନମୁଖୀ ଭାବେ ନିର୍ଦ୍ଦିଷ୍ଟ କେତେକ ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ନିଳୋକ ପଞ୍ଚାୟତର ନିଳୋକଠାରୁ ବାଇପୁର ପର୍ଯ୍ୟନ୍ତ ୭୫ହେକ୍ଟର ଚାଷଜମିରେ ଧାଡ଼ିରୁଆ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ୪୦ରୁ ୪୫ ଚାଷୀଙ୍କ ତାଲିକା ପ୍ରସ୍ତୁତ ହୋଇଛି। ଯେଉଁଥିରୁ ପ୍ରକୃତ ଚାଷୀମାନେ ବଞ୍ଚିତ ହୋଇଛନ୍ତି। ଅଧିକାଂଶ ଚାଷୀ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଆଗରୁ ଜାଣିନାହାନ୍ତି। ଏବେ ତାଲିକା ପ୍ରସ୍ତୁତ କରାଯାଉଥିବାରୁ ସେମାନେ ଜାଣିବାକୁ ପାଇଛନ୍ତି। ବନ୍ତ ପଞ୍ଚାୟତରେ ଜାମତିରା ଛକଠାରୁ ଶ୍ରୀବନ୍ତପୁର ଛକ, କୁମ୍ଭକରାଳ, ବନ୍ତ ଆଦି ଗ୍ରାମର ୧୦୦ ହେକ୍ଟର ଚାଷଜମିରେ ୧୧୨ ଚାଷୀ ଧାଡିରୁଆ କରିଥିବା ପ୍ରସ୍ତୁତ ତାଲିକାରୁ ଜଣାଯାଇଛି। ରାମକୃଷ୍ଣପୁର, ରାମପୁର ପଞ୍ଚାୟତରେ ୧୦୦ ହେକ୍ଟର ଚାଷଜମିରେ ଏହି କାର୍ଯ୍ୟକ୍ରମ ହୋଇଥିବାବେଳେ ପ୍ରକୃତ ଚାଷୀମାନେ ଏଥିରୁ ବାଦ୍ ପଡ଼ିଛନ୍ତି। ଗୋବିନ୍ଦପୁର ପଞ୍ଚାୟତରେ ୨୫ହେକ୍ଟର ଚାଷଜମିରେ ସେଣ୍ଟେଡ୍ ରାଇସ୍ ଚାଷ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି।

ଉଲ୍ଲେଖନୀୟ ଯେ, ଧାଡ଼ିରୁଆ କାର୍ଯ୍ୟକ୍ରମର ରାଜ୍ୟ ଯୋଜନାରେ ହେକ୍ଟର ପିଛା ୧୨୫୦ ଟଙ୍କା, ବିଜିଆର୍‌ଇଆଇ ଯୋଜନାରେ ହେକ୍ଟର ପିଛା ୧୫ ଶହ ଟଙ୍କା ସହ ସାର, ବିହନ ଓ କୀଟନାଶକ ଆଦି ସାମଗ୍ରୀ ଯୋଗାଇ ଦିଆଯାଉଛି। ଏ ସମ୍ପର୍କରେ ଜିଲା କୃଷି ଅଧିକାରୀ ଲକ୍ଷ୍ମଣ ଚନ୍ଦ୍ର ମୁର୍ମୁଙ୍କୁ ପଚାରିବାରୁ ବ୍ଲକ ସହକାରୀ କୃଷି ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲୁଥିବାରୁ ସେ କହିପାରିବେ ବୋଲି କହିଥିଲେ। ବ୍ଲକ ସହକାରୀ କୃଷି ଅଧିକାରୀ ରମେଶ ଚନ୍ଦ୍ର ରାୟ କହିଛନ୍ତି, ଜିଲାରୁ ସ୍ୱଳ୍ପ ଚାଷୀଙ୍କ ପାଇଁ ଏହି ଯୋଜନା ଆସିଥାଏ। ଏଣୁ ପ୍ରତିବର୍ଷ ପର୍ଯ୍ୟାୟକ୍ରମେ ଚାଷୀଙ୍କୁ ସାମିଲ କରାଯାଇ ସୁବିଧା ସୁଯୋଗ ପ୍ରଦାନ କରାଯାଉଛି।




ତାଲିମ ଶିବିରରେ ଉପସ୍ଥିତ ଅତିଥି।

## କୃଷକ ତାଲିମ ଶିବିର

**ଆନନ୍ଦପୁର,୧୭। ୧୦(ସ୍ୱ.ପ୍ର.)**

ଘସିପୁରା ବ୍ଲକ କେଶଦୁରାପାଳ ପଞ୍ଚାୟତ ଗୃହରେ ଗୁରୁବାର ଏକ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅଧୀନରେ ବିଷାକ୍ତ କୀଟନାଶକର ନିରାପଦ ବ୍ୟବହାର ପ୍ରଣାଳୀ ସମ୍ପର୍କରେ କୃଷକମାନଙ୍କୁ ତାଲିମ ଦିଆଯାଇଥିଲା। ଆନନ୍ଦପୁର କୃଷି ଜିଲା ସହକାରୀ ଅଧିକାରୀ ସମତା ମହାନ୍ତ ଏବଂ ଘସିପୁରା ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ପ୍ରଧାନ, ସମବାୟ ସମିତି ସଭାପତି ହିମାଂଶୁ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଚାଷୀମାନଙ୍କୁ କୀଟନାଶକ ପ୍ରୟୋଗ ସମ୍ପର୍କରେ ସୂଚନା ଦେଇଥିଲେ। କେଶଦୁରାପାଳ ଭିଏଲଡବ୍ଲ୍ୟୁ ଜୟନ୍ତୀ ସାହୁ, ଖାଲିଆମେଣ୍ଟାର ଦେବବ୍ରତ ମିଶ୍ର, ବଳରାମପୁରର ପ୍ରମୋଦ ମଲ୍ଲିକ, ଏଟିଏମ ସନାତନ ରାଉତ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ୩ବର୍ଷ ହେଲା ମହିଳାଙ୍କୁ ମିଳୁନି ବିଧବା ଭତ୍ତା

**କୋଲିମାଟି, ୧୭।୧୦(ଡି.ଏନ.ଏ)**



ଅଞ୍ଜଳି ରଣା।

ଆନନ୍ଦପୁର ବ୍ଲକ କୋଲିମାଟି ପଞ୍ଚାୟତର ବିଶ୍ୱକର୍ମା ସାହିରେ ଦେଖିବାକୁ ମିଳିଛି ଜଣେ ବିଧବାଙ୍କୁ ୩ବର୍ଷ ହେଲା କୌଣସି ଭତ୍ତା ମିଳୁନାହିଁ। ତାଙ୍କ ନାମ ହେଲା ଅଞ୍ଜଳୀ ରଣା। ସ୍ୱାମୀ କାଳିଚରଣ ରଣା ଦୀର୍ଘ ୩ବର୍ଷ ହେଲା ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ବିଦ୍ୟୁତ ଆଘାତ ଦ୍ୱାରା ମୃତ୍ୟୁବରଣ କରିଥିଲେ ସୁଦ୍ଧା ସରକାରଙ୍କ ତରଫରୁ କୌଣସି ସହାୟତା ରାଶି ମିଳି ପାରିନାହିଁ ବୋଲି ଅଞ୍ଜଳୀ ପ୍ରକାଶ କରିଛନ୍ତି। ସରକାରଙ୍କ ତରଫରୁ ମିଳୁଥିବା ଶବଦାହ ଓ ହରିଶ୍ଚନ୍ଦ୍ର ଯୋଜନାର କୌଣସି ବି ପଇସା ପାଇ ନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସେ ଆଜିକୁ ୫ରୁ ୬ ଥର ବିଧବା ଭତ୍ତା ଫର୍ମ ପୂରଣ କରି କୋଲିମାଟି ପଞ୍ଚାୟତଠାରୁ ଆରମ୍ଭ କରି ଆନନ୍ଦପୁର ବ୍ଲକରେ ଆବେଦନ କରିଆସିଥିଲେ ସୁଧା ତାଙ୍କୁ ଭତ୍ତା ମିଳିପାରୁନାହିଁ। ସେ ବହୁତ ଦୁଃଖ ଦୁର୍ଦ୍ଦିନରେ ନିଜ ପରିବାରକୁ ଚଳାଉଛନ୍ତି। ତେବେ ତାଙ୍କୁ ଭତ୍ତା ଦେବାକୁ ସେ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି।

## ବେଆଇନ ଆଧାର ସଂଶୋଧନ ଅଭିଯୋଗ: ଯୁବକ ଗିରଫ

**ବାସୁଦେବପୁର, ୧୭।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନରସିଂହପୁର ବଜାର ଅଞ୍ଚଳରେ ଏକ ଦୋକାନରେ ବେଆଇନ ଆଧାର କାର୍ଡ ସଂଶୋଧନ ସହ ଅଧିକ ଅର୍ଥ ଦାବି କରିବା ଅଭିଯୋଗରେ ଦୀନବନ୍ଧୁ ମହାପାତ୍ର ନାମକ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ବାସୁଦେବପୁର ଥାନାରେ ମାମଲା(ନଂ.୩୨୮/୧୯) ରୁଜୁ ହୋଇଛି। ବାସୁଦେବପୁର ପୋଲିସ ସୂଚନା ଅନୁଯାୟୀ, ଗିରଫ ଦୀନବନ୍ଧୁଙ୍କ ଘର ନରସିଂହପୁର ପଞ୍ଚାୟତର ଜୟୀପୁର ଗ୍ରାମରେ। ବେଆଇନ ଭାବେ ଆଧାର ସଂଶୋଧନ ସାଙ୍ଗକୁ ଅଧିକ ଅର୍ଥ ଦାବି କରୁଥିବା ନେଇ ଦୀନବନ୍ଧୁଙ୍କ ବିରୋଧରେ ବିଡିଓ ପ୍ରଣବ କୁମାର ବେହେରା ବୁଧବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଦୀନବନ୍ଧୁଙ୍କୁ ଗିରଫ କରି ଥାନାରେ ରଖି ଅଧିକ ପଚରାଉଚରା କରାଯାଉଛି। ତେବେ ଶନିବାର, ରବିବାର ଓ ଛୁଟିଦିନରେ ଏହି ବେଆଇନ ଆଧାର କାର୍ଡ ସଂଶୋଧନ କରାଯାଇଥାଏ ବୋଲି ଦୀନବନ୍ଧୁ ସ୍ୱୀକାର କରିଛନ୍ତି।

## ଯୋଡ଼ାରେ ପଲିଥିନ୍ ବର୍ଜନ ସମ୍ପର୍କିତ ସଚେତନତା



ସଚେତନତା ବୈଠକରେ ଉପସ୍ଥିତ ଅତିଥି।

**ଯୋଡ଼ା, ୧୭।୧୦(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ପୌରପାଳିକା ସଭାଗୃହଠାରେ ଗୁରୁବାର ଯୋଡା ପୌରପାଳିକା ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା ଓ ପଲିଥିନ ବର୍ଜନ ଏବଂ ପ୍ଲାଷ୍ଟିକମୁକ୍ତ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଯୋଡା ସହରକୁ ପ୍ଲାଷ୍ଟିକ ମୁକ୍ତ କରିବା ଓ ପଲଥିନ୍ ବ୍ୟବହାର ନିଷେଧ ସମ୍ପର୍କିତ ଏହି ସଚେତନତା ବୈଠକରେ କେନ୍ଦୁଝର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, ଯୋଡା ବିଡିଓ ଦାୟିତ୍ୱରେ ଥିବା ବଡବିଲ ତହସିଲଦାର କ୍ଷୀରୋଦ କୁମାର ବେହେରା , ଯୋଡା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଢଯୋଶୀ, ପରିମଳ ଅଧିକାରୀ ରାଜେନ୍ଦ୍ର କୁମାର ମିଶ୍ର ଓ ବୁଦ୍ଧିଜୀବୀ , ସ୍କୁଲ ଶିକ୍ଷକ, ମାର୍କେଟ କମିଟି, ଭେଣ୍ଡର କମିଟି ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାସଦସ୍ୟମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଯୋଡା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ପାଢଯୋଶୀ ପରିଚାଳନା କରିଥିଲେ। ଅକ୍ଟୋବର ୨ତାରିଖଠାରୁ ପଲିଥିନ୍ ବ୍ୟବହାରକୁ ଆଇନଗତ ଭାବେ ନିଷେଧ କରାଯାଇଥିବାରୁ ଯୋଡା ପୌରପାଳିକା ଶତକଡା ୭୫ ପ୍ରତିଶତ କାର୍ଯ୍ୟକାରିତାରେ ସଫଳ ହୋଇଛି । ବ୍ୟବସାୟୀମାନେ ପଲିଥିନରେ ସାମଗ୍ରୀ ନ ଦେଇ ନିଜ ଦୋକାନରେ ବ୍ୟାଗ ରଖି ଗ୍ରାହକମାନଙ୍କୁ ସାମଗ୍ରୀ ପ୍ରଦାନ କଲେ ପଲଥିନ୍ ବ୍ୟବହାର ହ୍ରାସ ପାଇପାରିବ। ପଲିଥିନ୍ ବ୍ୟବହାର ନିୟମର ପାଳନକାରୀଙ୍କୁ ପୌରପାଳିକା ପକ୍ଷରୁ ପୁରସ୍କୃତ କରାଯାଇ ପ୍ରୋତ୍ସାହିତ କରାଯିବାର ବ୍ୟବସ୍ଥା ରହିଛି। ତେବେ ନିୟମକୁ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଡା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ପାଢଯୋଶୀ କହିଥିଲେ ।

## ଭଦ୍ରକାଳୀ ପୀଠରେ କାଳୀପୂଜା ପ୍ରସ୍ତୁତି

**ଭଦ୍ରକ ଅଫିସ, ୧୭।୧୦**

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ପରମ ବୈଷ୍ଣବୀ ମା' ଭଦ୍ରକାଳୀ କାଳୀ ପୂଜା ଅବସରରେ ସପ୍ତମାତୃକା ବେଶରେ ପୂଜା ପାଇବେ। ମା'ଙ୍କର ସପ୍ତମାତୃକା ବେଶ ସହିତ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ୭ଦିନ ଧରି ଅନୁଷ୍ଠିତ ହେବ। ମା'ଙ୍କ ଏହି ବେଶ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କର ବେଶ ଭିଡ଼ ପରିଲକ୍ଷିତ ହୁଏ। ଚଳିତବର୍ଷ ମା'ଙ୍କ ସପ୍ତମାତୃକା ବେଶ ଓ ବିଶ୍ୱଶାନ୍ତି ମହାଯଜ୍ଞକୁ ଆଡ଼ମ୍ବରପୂର୍ଣ୍ଣ କରାଯିବା ନିମନ୍ତେ ଭଦ୍ରକ ଉପଜିଲାପାଳ ତଥା ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ପୀତାମ୍ବର ସାମଲଙ୍କ ଅଧ୍ୟକ୍ଷତାରେ ସେବାୟତମାନଙ୍କୁ ନେଇ ମନ୍ଦିର ବେଢ଼ାରେ ଗୁରୁବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୭ ତାରିଖଠାରୁ ମା'ଙ୍କର ବେଦମାତା ବେଶ ସହିତ ବିଶ୍ୱଶାନ୍ତି ମହାଯଜ୍ଞର ଶୁଭାରମ୍ଭ କରାଯାଇ ନଭେମ୍ବର ୨ରେ ମହାଲକ୍ଷ୍ମୀ ବେଶରେ ପୂର୍ଣ୍ଣାହୁତି ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି। ମା'ଙ୍କ ସପ୍ତମାତୃକା ବେଶ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼କୁ ଲକ୍ଷ୍ୟ କରାଯାଇ ରାସ୍ତାଘାଟର ମରାମତି, ମନ୍ଦିର ବେଢ଼ାର ପରିଷ୍କାର ପରିଚ୍ଛନ୍ନତା, ଆଲୋକ, ତୋରଣ, ପାନୀୟ ଜଳ ଓ ଶୌଚାଳୟ ବ୍ୟବସ୍ଥା ସହ ଆଇନଶୃଙ୍ଖଳାକୁ ଗୁରୁତ୍ୱ ଦିଆଯାଇଛି। ଏହାର ସୁବନ୍ଦୋବସ୍ତ ନିମନ୍ତେ ପଦକ୍ଷେପ ନେବାକୁ ବୈଠକରେ ସ୍ଥିର କରାଯାଇଛି। ଚଳିତବର୍ଷ ମା'ଙ୍କର ଦୈନନ୍ଦିନ ବେଶ, ଯଜ୍ଞ ମଣ୍ଡପର ସାଜସଜ୍ଜା ଓ ପରିଚାଳନା ତଥା ପୂଜା ରୀତିନୀତିକୁ ଠିକ୍ ଭାବେ ନିର୍ବାହ କରାଯିବାକୁ ପରାମର୍ଶ ଦିଆଯାଇଛି। ୭ଦିନ ଧରି ପୀଠରେ ଭଜନ ସଂକୀର୍ତ୍ତନ, ପ୍ରବଚନ, ଗୀତାପାଠ, ଶତଚଣ୍ଡୀ, ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମକୁ ସୁପରିଚାଳନା ନିମନ୍ତେ ସେବାୟତମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେବାୟତ ଭାଗୀରଥି ଦୀକ୍ଷିତ, ଅନୁଗ୍ରହ ନାରାୟଣ ଦୀକ୍ଷିତ, ରସାନନ୍ଦ ଦୀକ୍ଷିତ, ମଦନମୋହନ ଦୀକ୍ଷିତ, ପଞ୍ଚାନନ ଦୀକ୍ଷିତ, ମନ୍ଦରଧର ଦୀକ୍ଷିତ, ସୁବ୍ରତ ଦୀକ୍ଷିତ, ନିକୁଞ୍ଜ ଦୀକ୍ଷିତ, ପ୍ରଦୀପ୍ତ ପଣ୍ଡା, ଶରତ ପଣ୍ଡା, ନିତ୍ୟାନନ୍ଦ ଦୀକ୍ଷିତ, ଶେଖର ମହାପାତ୍ର, ହରେକୃଷ୍ଣ ଦୀକ୍ଷିତ ଏବଂ ସରପଞ୍ଚ ବିଶ୍ୱନାଥ ନାୟକଙ୍କୁ ବିଭିନ୍ନ ବିଭାଗରେ ଦାୟିତ୍ୱ ବଣ୍ଟନ କରାଯାଇଥିବା ସୂଚନା ମିଳିଛି।

## ଦୁଇ ଫେରାର ଅଭିଯୁକ୍ତ ଗିରଫ

**ପାଟଣା,୧୭।୧୦(ସ୍ୱ.ପ୍ର.)**

ତୁରୁମୁଙ୍ଗା ପୋଲିସ ବୁଧବାର ବିଳମ୍ବିତ ରାତିରେ ଦୁଇ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କେନ୍ଦେଇପଶି ପଞ୍ଚାୟତ ମହିଁଶାମୁଣ୍ଡି ଗ୍ରାମର ଦୁଇଭାଇ ଶମ୍ଭୁନାଥ ମହାକୁଡ଼, ନିରାକାର ମାହାକୁଡ଼। ଉଭୟ ୨୦୧୪ ମସିହାରେ ଏକ ମାରପିଟ ମାମଲାରେ ସମ୍ପୃକ୍ତ ଥିଲେ। ଅଭିଯୁକ୍ତ ଦୁଇ ଭାଇଙ୍କ ନାମରେ କୋର୍ଟ ୱାରେଣ୍ଟ ରହିଥିଲା। ତୁରୁମୁଙ୍ଗା ଥାନା ଏଏସଆଇ ଗୁରୁପ୍ରସାଦ ଦେଓ ଗୁରୁବାର ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

## ଜଙ୍ଗଲ ଜମିରେ ବେନିୟମ ରାସ୍ତା ନିର୍ମାଣ

## ତହସିଲ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ

**ଝୁମ୍ପୁରା, ୧୭।୧୦ (ଡି.ଏନ.ଏ.)**

ଝୁମ୍ପୁରା ତହସିଲ ଅନ୍ତର୍ଗତ ବସନ୍ତପୁର ପଞ୍ଚାୟତରେ ଆଦିବାସୀ ପ୍ରଜାଙ୍କ ଜଙ୍ଗଲ ଜମି ପଟ୍ଟାଜାଗା ଉପରେ ଏକ କମ୍ପାନୀ ରାସ୍ତା ତିଆରି କରି ଆଦିବାସୀ ପ୍ରଜାଙ୍କ ଉପରେ ଜୁଲମ ଚଳାଇଛି। ଶିକ୍ଷାର ଆଲୋକ ସ୍ପର୍ଶ କରି ନ ଥିବା, ଜଙ୍ଗଲ ମୂଳକରେ କୃଷିଜାତ, ଜଙ୍ଗଲଜାତ ଦ୍ରବ୍ୟ ବିକ୍ରିବଟା, ତଥା ଶ୍ରମଜୀବୀ ଭାବେ ଗୁଜୁରାଣ ମେଣ୍ଟାଉଥିବା କ୍ଷତିଗ୍ରସ୍ତ ପରିବାରକୁ ସମ୍ପୃକ୍ତ କମ୍ପାନୀର ଅଣଦେଖା ବହୁତ ବାଧିଛି। ଜଙ୍ଗଲ ଜମି ପଟ୍ଟା ଥିବା ଜାଗା ଉପରେ ଏହି କମ୍ପାନୀ ରାସ୍ତା ନିର୍ମାଣ କରିଥିବା କ୍ଷତିଗ୍ରସ୍ତ ପ୍ରଜା ଜଗା ମୁଣ୍ଡା, ଗୁରା ମୁଣ୍ଡା, ନନ୍ଦକିଶୋର ମୁଣ୍ଡା, ଶ୍ରୀକାନ୍ତ ମୁଣ୍ଡା, ସୁନାରାମ ମାଝୀ, ଶୁକ୍ରା ମୁଣ୍ଡା ଅନନ୍ତ ମୁଣ୍ଡା, ଶୁତ୍ରୀ ମୁଣ୍ଡା ଏନେଇ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ହେଁ, ଏମାନଙ୍କ କଥା ଶୁଣାଯାଉ ନାହିଁ। ତେବେ କ୍ଷତିଗ୍ରସ୍ତଙ୍କ ମଧ୍ୟରୁ ଜଗା ମୁଣ୍ଡା, ଗୁରା ମୁଣ୍ଡା ୧୫ ତାରିଖରେ, ନନ୍ଦକିଶୋର ମୁଣ୍ଡା ଏବଂ ଶୁକ୍ରା ମୁଣ୍ଡା ୧୬ ତାରିଖରେ ପୁଣି ଥରେ ଝୁମ୍ପୁରା ତହସିଲର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ତହସିଲ ପ୍ରଶାସନ ନ୍ୟାୟ ନ ଦେଲେ ଆମ୍ଭେମାନେ କମ୍ପାନୀ ରାସ୍ତା କରିଥିବା ଆମ ଜାଗା ଉପରେ ରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଚୋରା କାଠ ଚାଲାଣ ଅଭିଯୋଗ, ଜଣେ ଗିରଫ

**ଆନନ୍ଦପୁର,୧୭। ୧୦(ସ୍ୱ.ପ୍ର.)**

ବନିବିଭାଗ ପକ୍ଷରୁ ଚଢାଉ କରାଯାଇ ପଟିଲୋ ସଂରକ୍ଷିତ ଜଙ୍ଗଲ ଓ ଏହାର ଆଖପାଖ ଅଞ୍ଚଳରେ ପାଟ୍ରୋଲିଂ କରିବା ସମୟରେ ଗୁରୁବାର ସାଇକେଲ ଓ କରତଚିରା ଶାଳକାଠ ୧୨ ଖଣ୍ଡ ଜବତ କରିବା ସହିତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ ଯାଜପୁର ଜିଲା ଜଅଁର ଗ୍ରାମର ସୁଦର୍ଶନ ଜେନା(୫୬)। ଆନନ୍ଦପୁର ଡିଏଫଓ ଅଜିତ କୁମାର ଶତପଥିଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜର ସୁଶ୍ରୀ ସୁମନ ମାଝୀ, ଫରେଷ୍ଟର ମଳୟ ସାହୁ, ଫରେଷ୍ଟଗାର୍ଡ ଅଭିନାଶ ପରିଡା, ରଶ୍ମୀରଞ୍ଜନ ରାଉତ ଓ ଜଙ୍ଗଲ ସୁରକ୍ଷାକର୍ମୀ ଏହି ଚଢାଉରେ ସାମିଲ ଥିଲେ।

# ଲକ୍ଷ୍ମୀନାରାୟଣ ପୂଜାରେ ଝଲସୁଛି ଜଗନ୍ନାଥପୁର

- ସ୍ଥାୟୀ ମଣ୍ଡପରେ ଚାଲିଛି ପୂଜାର୍ଚ୍ଚନା
- ଦର୍ଶକଙ୍କୁ ବାନ୍ଧି ରଖୁଛି ସଚେତନତା ବାରୁଆଳି

**ଭଦ୍ରକ ଅଫିସ, ୧୭।୧୦**

ଭଦ୍ରକ ବ୍ଲକ ଅଧୀନ ବେନ୍ତାଳ ପଞ୍ଚାୟତର ଜଗନ୍ନାଥପୁର ଗାଁ ଲକ୍ଷ୍ମୀନାରାୟଣ ପୂଜା ପାଇଁ ଉତ୍ସବମୁଖର ହୋଇଛି। ରଙ୍ଗବେରଙ୍ଗ ଆଲୋକମାଳାରେ ଗାଁ ପରିବେଶ ଝଲସୁଛି। ଚଳିତବର୍ଷ ଲକ୍ଷ୍ମୀନାରାୟଣଙ୍କ ଦର୍ଶନ ସକାଶେ ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଆସି ଭିଡ଼ ଜମାଉଛନ୍ତି। ଗାଁରେ ଥିବା ସ୍ଥାୟୀ ମଣ୍ଡପରେ ଲକ୍ଷ୍ମୀନାରାୟଣଙ୍କୁ ପୂଜାର୍ଚ୍ଚନା କରାଯାଉଛି। ପୌରାଣିକ ଲୋକକଥା ଦାନବୀର ହରିଶ୍ଚନ୍ଦ୍ର ଓ ମା' ଶକୁନ୍ତଳା ଭରତଙ୍କ ବାରୁଆଳି ଦର୍ଶକଙ୍କୁ ବାନ୍ଧି ରଖୁଛି। ଏହି ପୂଜା ଉତ୍ସବ ଜଗନ୍ନାଥପୁର ସମେତ ଆଖପାଖ ଗାଁର ଲୋକଙ୍କୁ ଏକତା ଓ ସଂହତିର ରଜ୍ଜୁରେ ବାନ୍ଧି ରଖିଛି ବୋଲି କୁହାଯାଇଛି। ୯ ଦିନ ପୂଜା ପରେ ଆସନ୍ତା ୨୨ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଆରମ୍ଭରୁ ପୂଜା ମଣ୍ଡପ ନିକଟରେ ପାଲା ହୋଇ ଆସୁଥିବା ବେଳେ ୧୯ ଓ ୨୦ ତାରିଖରେ ଯାତ୍ରା ପରିବେଷଣ ହେବ। ଭସାଣି ପୂର୍ବଦିନ ଆଖପାଖ ୫ ଖଣ୍ଡ ଗାଁ ଲୋକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିବା ପୂଜା କମିଟି ପକ୍ଷରୁ ଜଣାଯାଇଛି। ପୂଜା ପରିଚାଳନା ପାଇଁ ଗାଁର ଯୁବଗୋଷ୍ଠୀ ବେଶ୍ ତତ୍ପର ହୋଇଛନ୍ତି। ସବୁଠି ଲକ୍ଷ୍ମୀପୂଜା ହେଉଥିବା ବେଳେ ଜଗନ୍ନାଥପୁରରେ ଲକ୍ଷ୍ମୀନରାୟଣଙ୍କ ଯୁଗଳ ମୂର୍ତ୍ତି ପୂଜା ପାଇବା ଏକ ନିଆରା ପରମ୍ପରା ସୃଷ୍ଟି କରିଛି।

ଉଲ୍ଲେଖନୀୟ ଯେ, ଭଦ୍ରକ ବାଇପାସ୍ ରାସ୍ତାରୁ ଚାନ୍ଦବାଲିକୁ ସଂଯୋଗ କରୁଥିବା ସଡ଼କରେ ୧୦ କି.ମି. ଦୂରରେ ପଡ଼େ ବାରିକଛକ। ସେଠାରୁ ଆଉ ୩ କି.ମି. ଭିତରକୁ ଗଲେ ପଡ଼େ ଜଗନ୍ନାଥପୁର। ଏହି ଗାଁ ମଝିରେ ରହିଛି ନିଆରା ଲକ୍ଷ୍ମୀନାରାୟଣ ପୂଜାମଣ୍ଡପ। ପ୍ରତିବର୍ଷ କୁମାରପୂର୍ଣ୍ଣିମାଠାରୁ ପୂଜା ପାଆନ୍ତି ଲକ୍ଷ୍ମୀନାରାୟଣଙ୍କ ଯୁଗଳ ମୂର୍ତ୍ତି। ପ୍ରାୟ ୩ ପିଢ଼ି ଧରି ଗ୍ରାମୀଣ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ଏହି ପୂଜା ହୋଇଆସୁଛି। ଲକ୍ଷ୍ମୀନାରାୟଣଙ୍କ ଯୁଗଳ ମୂର୍ତ୍ତି ଦର୍ଶନ କରି ମାନସିକ କଲେ ପୂରଣ ହୋଇଥାଏ ବୋଲି ଜନବିଶ୍ୱାସ ରହିଛି। ଏଥିଲାଗି ଉକ୍ତ ପୂଜାମଣ୍ଡପ ଅଞ୍ଚଳରେ ପ୍ରସିଦ୍ଧିଲାଭ କରିଛି।



ମଣ୍ଡପରେ ପୂଜା ପାଉଛନ୍ତି ଲକ୍ଷ୍ମୀନାରାୟଣ।



ସଚେତନତା ବାର୍ତ୍ତା ଦେଉଥିବା ବାରୁଆଳି।